ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.116 Bhubaneswar Saturday, June 19, 2021 ୨୪ତମ ବର୍ଷ ସଂଖ୍ୟା-୧୧୬ ଭୁବନେଶ୍ୱର, ଶନିବାର, ଜୁନ୍ ୧୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ମଧ୍ୟପ୍ରଦେଶର ଜବଲପୁରରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ପାଇଁ ଆଜାଦୀ କା ଅମୃତ ମହୋତ୍ସବ ଦେଶବ୍ୟାପୀ ପାଳନ କରାଯାଉଥିବା ଏକ ଅଂଶ ଭାବରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ପତାକା ସତ୍ୟାଗ୍ରହ ପାଳନ କରିବା ପାଇଁ ଏକ କାର୍ଯ୍ୟକ୍ରମ ନେତୃତ୍ୱ ନେଇଥିଲେ

## ଗୋଟିଏ ଦିନରେ ୩୮୦୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୮୦୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୭୦୪୯୮ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୨୩୫୯୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୪୩୩୩୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୮୦୬ ଜଣଙ୍କ ମଧ୍ୟରୁ ୨୧୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୩୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫୦୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୭୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୨୦ ଜଣ, ବରଗଡ଼ରୁ ୫୮ ଜଣ, ଭଦ୍ରକରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୮୪, କଟକରୁ ୪୩୮ ଜଣ, ଦେବଗଡ ଜିଲ୍ଲାରୁ ୨୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୧୪ ଜଣ, ଗଜପତି ଜିଲ୍ଲାରୁ ୧୮ , ଗଞ୍ଜାମରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୨ ଜଣ, ଯାଜପୁରରୁ ୩୦୫ ଜଣ, ଝାରସୁଗୁଡ଼ାରୁ ୧୯ ଜଣ, କଳାହାଣ୍ଡିରୁ ୪୧ ଜଣ, କନ୍ଧମାଳ ଜିଲ୍ଲାରୁ ୪୮ ଜଣ. କେନ୍ଦ୍ରାପଡ଼ାରୁ ୧୨୦ ଜଣ, କେନ୍ଦୁଝରରୁ ୬୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୦୬ ଜଣ, କୋରାପୁଟରୁ ୮୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫୯ ଜଣ, ନବରଙ୍ଗପୁରରୁ ୮୮ ଜଣ, ନୟାଗଡ଼ରୁ ୧୩୪ ଜଣ, ନୂଆପଡ଼ାରୁ ୩୧ ଜଣ, ପୁରୀରୁ ୨୦୦ ଜଣ, ରାୟଗଡ଼ାରୁ ୧୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୫ ଜଣ, ସୋନପୁରରୁ ୩୬ ଜଣ, ସୁନ୍ଦରଗଡ଼ରୁ ୧୧୯ ଜଣ ଓ ଷ୍ଟେଟ୍ ପୁଲରୁ ୯୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଜେଲ୍ ରୁ ବାହାରିଲେ ଅଭୟ ପାଠକ

ଭୁବନେଶ୍ୱର, ୧୮।୬(ପି.ଏନ): ଦୀର୍ଘ ୬ ମାସ ଧରି ଜେଲରେ ରହିବା ପରେ ଝାରପଡ଼ା ଜେଲରୁ ମୁକୁଳିଛନ୍ତି ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକ। ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲାରେ ଅଭୟଙ୍କୁ ଗତ ନଭେମ୍ବର ୨୭ ତାରିଖରେ ଗିରଫ କରିଥିଲା ଭିଜିଲାନ୍ସ। ଏହା ବ୍ୟତୀତ ତାଙ୍କ ନାଁରେ ୨ଟି ଠକେଇ ମାମଲା ମଧ୍ୟ ଥିଲା। ଗୁରୁବାର ତୃତୀୟ ମାମଲାରେ ସର୍ତମୂଳକ ଜାମିନ ପ୍ରଦାନ କରିଥିଲେ ଓଡ଼ିଶା ହାଇକୋର୍ଟ। ୨ ଲକ୍ଷ ଟଙ୍କାର ୨ଟି ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଥିଲେ କୋର୍ଟ।

## ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଯୁକ୍ତ ୨ ରେଜଲ୍ଟ

ଭୁବନେଶ୍ୱର,୧୮।୬(ପି.ଏନ): ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ବାହାରିବ ଯୁକ୍ତ ଦୁଇ ପରୀକ୍ଷା ଫଳ। ଦଶମ ପରୀକ୍ଷା ମାର୍କ ଭିତିରେ ମୂଲ୍ୟାୟନ କରାଯିବ। ରେଗୁଲାର ପିଲାଙ୍କ ମାର୍କିଂ ମ୍ୟାଟ୍ରିକ୍ ଭିତିରେ ଏବଂ ଏକ୍ସରେଗୁଲାର ପିଲାଙ୍କ ମାର୍କିଂ ପୂର୍ବଥର +୨ ପରୀକ୍ଷା ଭିତିରେ ହେବ। ପୂର୍ବଥର +୨ ପରୀକ୍ଷା ଦେଇଥିଲେ ପାସ୍ କରିଥିବା ବିଷୟ ଭିତିରେ ମାର୍କିଂ ବୋଲି ସିଏଚଏସଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁମାନେ ମାର୍କରେ ସନ୍ତୁଷ୍ଟ ନହେବେ, ପରେ ପରିସ୍ଥିତି ସ୍ୱାଭାବିକ ହେଲା ପରେ ଅଫ୍ ଲାଇନ୍‌ରେ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି। ସିଏଚଏସଇ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁସାରେ ମାଟ୍ରିକ୍ ପରୀକ୍ଷାରେ ପ୍ରଦର୍ଶନ ଅନୁଯାୟୀ ଯୁକ୍ତ ୨ ଥିଓରୀ ମାର୍କିଂ କରାଯିବ। ଏକ୍ସରେଗୁଲାର ପିଲାଙ୍କର ପୂର୍ବ ସିଏଚଏସଇ ପରୀକ୍ଷାରେ ପାସ୍ କରିଥିବା ବିଷୟ ଆଧାରରେ ଥିଓରୀ ମାର୍କିଂ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପିଲାଙ୍କର ପ୍ରାକ୍ଟିକାଲ ମାର୍କିଂ ହାୟର ସେକେଣ୍ଡାରୀ ସ୍କୁଲ ସ୍ତରରେ ହୋଇଥିବା ପରୀକ୍ଷା ଆଧାରରେ ହେବ। ଯେଉଁମାନେ ମାର୍କିଂ ସନ୍ତୁଷ୍ଟ ନହେବେ ପରିସ୍ଥିତି ସୁଧୁରିବା ପରେ ସେମାନେ ଅଫଲାଇନ୍ ରେ ପରୀକ୍ଷା ଦେଇପାରିବେ। ପରୀକ୍ଷା ମାର୍କିଂ ସମ୍ପର୍କରେ ସମସ୍ତ ତଥ୍ୟ ସିଏଚଏସଇ ୱେବସାଇଟ୍ ରେ ଉପଲବ୍ଧ କରାଯାଇଛି। ଉଲ୍ଲେଖ୍ୟଯୋଗ୍ୟ କରୋନା ସ୍ଥିତିକୁ ଦେଇ ସିବିଏସ୍‌ଇ ଓ ସିଆଇଏସ୍‌ଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ବାତିଲ ହେବା ପରେ ରାଜ୍ୟ ସରକାର ଦଶମ ବୋର୍ଡ ଓ ଯୁକ୍ତ ୨ ପରୀକ୍ଷା ବାତିଲ କରିଥିଲେ। ଯୁକ୍ତ ୨ ପରୀକ୍ଷା ମୂଲ୍ୟାୟନ ନେଇ ବିଶେଷଜ୍ଞ କମିଟି ଗଠନ ହୋଇଥିଲା। ଗୁରୁବାର ବିଶେଷଜ୍ଞ କମିଟିର ତୃତୀୟ ବୈଠକ ବସିଥିଲା।

### ନକଲି ମେଡ଼ିସିନ ଜବତ ଘଟଣା କମ୍ପାନୀକୁ କଳା ତାଲିକାଭୁକ୍ତ କଲା ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍

କଟକ, ୧୮।୬(ପି.ଏନ): ବିଭିନ୍ନ କମ୍ପାନୀର ନକଲି ମେଡ଼ିସିନ ଜବତ ଘଟଣାରେ ଧରାପଡିଥିବା କମ୍ପାନୀକୁ କଳା ତାଲିକାଭୁକ୍ତ କରିଛି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ । କମ୍ପାନୀର ଏଭଳି ଅନିୟମିତତା ସାମ୍ନାକୁ ଆସିବା ପରେ ଆସୋସିଏସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

### ତପୁ ମିଶ୍ରଙ୍କ ପାଇଁ ୧ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲା ସଂସ୍କୃତି ବିଭାଗ

ଭୁବନେଶ୍ୱର, ୧୮।୬(ପି.ଏନ): ଲୋକପ୍ରିୟ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତପୁଙ୍କ ଚିକିତ୍ସା ନେଇ ରାଜ୍ୟ କଳାକାର ୱେଲଫେୟାର ଫଣ୍ଡ ପକ୍ଷରୁ ଏହି ସହାୟତା ଯୋଗାଇ ଦିଆଯାଇଛି । ଉଲ୍ଲେଖନୀୟ କରୋନାରୁ ସୁସ୍ଥ ପରେ ଏବେ ଫୁସଫୁସ ସଂକ୍ରମିତ ହୋଇ ତପୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ତପୁଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବାକୁ ପରିବାର ଲୋକ ଅନୁରୋଧ କରିଛନ୍ତି। ଅସୁସ୍ଥତା ଖବର ଶୁଣି ଶୁଭେଚ୍ଛୁ ମାନେ ତପୁ ମିଶ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ରାଜଧାନୀରେ ୨୪ ଘଂଟାରେ ୪୪୩ ପଜିଟିଭ୍, ୬୧୫ ସୁସ୍ଥ

ଭୁବନେଶ୍ୱର, ୧୮।୬(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଆଉ ୪୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୮୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୫୫ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୬୧୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୨୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଚନ୍ଦ୍ରଶେଖରପୁରରୁ ୨୩ ଜଣ, ଲକ୍ଷ୍ମୀସାଗରରୁ ୨୨ ଜଣ, ଡୁମଡୁମାରୁ ୧୯ ଜଣ, ନୟାପଲ୍ଲୀରୁ ୧୭ ଜଣ, ରସୁଲଗଡ ଓ ଖଣ୍ଡଗିରିରୁ ୧୩ ଜଣ ଲେଖାଏଁ ,ଓଲ୍ଡଟାଉନ୍ ୧୨ ଜଣ,ବରମୁଣ୍ଡା ଓ ନିଳାଦ୍ରୀବିହାରରୁ ୧୦ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## ସୀମାନ୍ତରେ ଏନକାଉଂଟର ଜଣେ ମହିଳା ମାଓବାଦୀ ମୃତ, ବନ୍ଧୁକ ଜବତ

ମାଲକାନଗିରି,୧୮।୬(ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ବସ୍ତର ଜିଲ୍ଲା ଓ ଜିଲ୍ଲା ସୁକମା ଜିଲ୍ଲା ସୀମାନ୍ତବର୍ତ୍ତୀ ଅଂଚଳ ଚାନ୍ଦାମେଟା , ପଟେଲପାରା, ଗଡମେପାରା, ଆଣ୍ଡାଲପାରା, ତୁଲସୀ ପାହାଡ଼ ପାୟାରବତ୍ ଏବଂ ଏହାର ଆଖପାଖ ଅଂଚଳରେ କାଙ୍ଗେରଘାଟି ଏରିଆ କମିଟିର ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ପୋଲିସ କୁ ସୂଚନା ମିଳିବା ପରେ ବସ୍ତର ଓ ଦାନ୍ତେୱାଡା ଡିଆରଜି ଟିମ୍, ଜିଲ୍ଲା ପୋଲିସ୍ ଫୋର୍ସ ସୁକମା, ସିଆରପିଏଫ ଯବାନ ମିଳିତ ଅପେରସନ ରେ ଯାଇଥିଲେ କ୍ଷ ଆଜି ସକାଳେ ଚାନ୍ଦମେଟା ଏବଂ ପୟାରବତ ଜଙ୍ଗଲ ମଧ୍ୟରେ ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଏନକାଉଂଟର ହୋଇଥିଲା ।ଏଥିରେ ଯବାନ ଗୁଳିର ସାମନା କରି ନପାରି ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ ।ପରେ ଯବାନ ମାନେ ଉକ୍ତ ଅଂଚଳରେ ସର୍ଚିଙ୍ଗ କରିବା ବେଳେ ଜଣେ ମହିଳା ମାଓବାଦୀ ର ଶବ, ଗୋଟିଏ ଏକେ ୪୭ ରାଇଫଲ, ଦୁଇଟି ପିସ୍ତଲ, ୧୨ ବୋର ବନ୍ଧୁକଗୋଟିଏ , ଏବଂ ବହୁ ପରିମାଣର ମାଓବାଦୀ ବ୍ୟ ବହୃତ ସାମଗ୍ରୀ ଉଦ୍ଧାର କରିଥିଲେ ।

## କୋଭିଡ୍ ସଂକ୍ରମିତଙ୍କ ସାହା ହେଲେ ସୋଆ ଏନ୍‌ସିସି କ୍ୟାଡେଟ୍



ଭୁବନେଶ୍ୱର,୧୮।୬(ପି.ଏନ): କୋଭିଡ୍ ମହାମାରୀର କରାଳଛାୟା ମଧ୍ୟରେ ବେସାହାରାଙ୍କ ନିକଟରେ ସାହା ହୋଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏନ୍‌ସିସିର ସ୍ୱେଚ୍ଛାସେବୀ। ଏନ୍‌ସିସିର ଏକ ଟିମ୍ କଟକରେ ଏକ ଡିଜିଟାଲ୍ ହେଲ୍ପ ଡେସ୍କ ପ୍ରସ୍ତୁତ କରି ବେସାହାରାଙ୍କୁ ସାହାଯ୍ୟ କରିଛନ୍ତି। ମିଶନ୍ 'ଏନ୍‌ସିସି ଯୋଗଦାନ' ମାଧ୍ୟମରେ ପ୍ରାୟ ଏକ ମାସ ଏହି ଟିମ୍ ନିରବଚ୍ଛିନ୍ନ ଭାବେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଇଦେବା ସହ ହସ୍ପିଟାଲ୍‌ରେ ଆଇସିୟୁ ବେଡ୍ ଉପଲବ୍ଧ ଥିବା ସମ୍ପର୍କରେ ସୂଚନା, ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ସହ ଘରମାନଙ୍କୁ ଔଷଧ ଏବଂ ଖାଦ୍ୟ ଯୋଗାଇ ଦେବା ଭଳି କାର୍ଯ୍ୟ କରୁଛନ୍ତି। କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ୍ ଉମେଶ ମାରୱାଙ୍କ ନେତୃତ୍ୱରେ କଟକ ଗ୍ରୁପ୍ ହେଡ୍‌କ୍ୱାର୍ଟରରେ ଏହି କାର୍ଯ୍ୟ ଜାରି ରହିଛି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଏବଂ ଆର୍ଯ୍ୟନ୍ କଲେଜ ମିଳିତ ଟିମ୍ ବର୍ତମାନ ପର୍ଯ୍ୟନ୍ତ ୭୦ ଜଣ କୋଭିଡ୍ ସଂକ୍ରମିତଙ୍କୁ ସାହାଯ୍ୟ କରିସାରିଛନ୍ତି। ଏହି ଟିମ୍‌ରେ ଏଏନ୍‌ଓ ଲେଫ୍ଟନାଂଟ ସଚିଦାନନ୍ଦ ସାହୁ , ଏଏନ୍‌ଓ ଲେଫ୍ଟନାଂଟ ରୁଦ୍ର ପ୍ରକାଶ ନନ୍ଦ, କ୍ୟାଡେଟ୍ ସିନିୟର ଅଣ୍ଡର ଅଫିସର ଅଙ୍କିତ୍ ରାଜ ବିଶ୍ୱାଳ, ଜୁନିଅର ଅଣ୍ଡର ଅଫିସର ଅନିକେତ ନାୟକ, ଜୁନିୟର ଅଣ୍ଡର ଅଫିସର ବିଶାନ୍ତ ନାୟକ ଏବଂ ଅଣ୍ଡର ଅଫିସର ସିଦ୍ଧାନ୍ତ ଶେଖର ସାମିଲ୍ ଅଛନ୍ତି।

## ଲଗାଣ ବର୍ଷା ପରେ ମଧ ମରାମତି ହେଲାନି ବ୍ରାହ୍ମଣୀ ନଦୀବନ୍ଧ : ନିଦାବିଷ୍ଣୁ ସାଜିଛି ଜାରକା ଜଳସମ୍ପଦ ବିଭାଗ

ଧର୍ମଶାଳା, ୧୮।୬(ପି.ଏନ): ଆଗାମୀ ଦିନରେ ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଲାଣି । ରାଜ୍ୟରେ ଲଗାଣ ବର୍ଷା ହେଲାଣି । ଏଥି ସହ ନଦୀରେ ବନ୍ୟା ଜଳ ପ୍ରବେଶ କଲାଣି । ଦୃବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ଗତ ବର୍ଷ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିପାରେ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି । ଏଭଳି ଦୃବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା ,ମଙ୍ଗଳପୁର ଓ ବ୍ରହ୍ମବରଦା ଅଂଚଳରେ । ଏହି ଅଂଚଳରେ ବ୍ରାହ୍ମଣୀ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବାତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା,ମଙ୍ଗଳପୁର,ଝାଲପଡା ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଯାଜପୁର ବ୍ଲକ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଝାଲପଡା-କାକୁଡିକୁଦ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଲୋକେ ସାଇକେଲ ଓ ବାଇକ୍ ଗଡାଇ ଗଡାଇ ନେଉଥିବା ବେଳେ ପଥଚାରୀ କାଦୁଅ ପଚପଚ ରାସ୍ତାରେ ଗୋଡ ଖସିଯିବା ଯୋଗୁଁ ବିପଦରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଦେଓଦା ଓ ମଙ୍ଗଳପୁର ପଂଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲ ଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି ।ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା ଖଣ୍ଡାସଠାରୁ ଝାଲପଡା, ସାନବାଗସାହି, ରୁଦ୍ରପୁର, ମେଣ୍ଢ, ମାଳିସାହି, କାକୁଡିକୁଦ, ନୀଳକଣ୍ଠପୁର, ସୁଜନପୁର , ଦେଓଦା ଓ ମଙ୍ଗଳପୁର ପଂଚାୟତର ଦେଓଦା,ସେରପୁର,କୋଠିଡିହ,ଚାନ୍ଦପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର,ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଏହି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ପରେ ବହୁ ଦିନ ପୂର୍ବେ ଏହି ନଦୀ ବନ୍ଧକୁ ମରାମତି କରାଯାଇଥିଲା । ତାହା ପୁଣି ବାଲିରେ । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ଏହି ବନ୍ଧର ସ୍ଥାୟୀତ୍ୱକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନେ କିଛି ଶୁଣୁ ନ ଥିବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada









# ଟି ଟାଇମ୍

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଚାପୁରର ବଡଗାଉଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




## କୋଭିଡ ନିୟମ ପାଳନ ଓ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପ୍ରଶାସନର ସଚେତନତା ବୈଠକ

ଖୋର୍ଦ୍ଧା: ଖୋର୍ଦ୍ଧା ପୌରାଂଚଳରେ କୋଭିଡ ସଂକ୍ରମଣ ହାର କମ କରିବା ଏବଂ ଏହି ନିୟମ ପାଳନ କରିବା ସମ୍ପର୍କରେ ଏକ ସଚେତନତା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୌରାଂଚଳ ବ୍ୟବସାୟୀ ସଂଘ କର୍ମକର୍ତାଙ୍କୁ ନେଇ ଗୁରୁବାର ଅନୁଷ୍ଠିତ ହୋଇଯାଇଛି ଏଥିରେ ଜିଲ୍ଲାପଳ ସନତ କୁମାର ମହାରି ଅଧକ୍ଷତା କରିଥିଲେ କୋଭିତ ନିୟମ କଡାକଡି ପାଳନ କରିବା ପାଇ ଖୋର୍ଦ୍ଧା ବ୍ୟବସାୟୀମାନେ ସହଯୋଗ କରନ୍ତୁ ବୋଲି ଜିଲ୍ଲାପାଳ କହିଥିଲେ । ସଂକ୍ରମଣ ଦୃଷ୍ଟିରୁ ତାଲାବନ୍ଦ ଅବଧି କୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୬ରୁ ଦିନ ୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଖୋଲାରହିବ । ପୂର୍ବଭଳି ଶନିବାର ଓ ରବିବାର ସପ୍ତାହନ ସଟଡାଉନ ଓ ରାତ୍ରିକାଳୀନ କର୍ଫ୍ୟୁ ଜାରୀ ରହିବ ବୋଲି ଜିଲ୍ଲାପାଳ କହିଥିଲେ । ସାମାଜିକ ଦୂରତା ରଖୁବା, ମାସ୍କ ପିନ୍ଧିବା, ବଜାରରେ ଅଯଥରେ ଗହଳୀ ନକରିବା ଏବଂ କୋଭିଡ ନଦୀୟମକୁ ଠିକଭାବେ ପାଳନ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି ଏଥିରେ ପୌରାଂଚଳର ବ୍ୟବସାୟୀମାନେ ସହଯୋଗ କରିବା ପାଇଁ ବ୍ୟବସାୟୀ ସଂଘର କର୍ମକର୍ତାମାନେ ଆଲୋଚନା କରିଥିଲେ । ତେବେ ଦୋକାନରେ ଅଯଥା ଗହଳି ନକରି ଅତ୍ୟାବଶ୍ୟକ ସାମଗ୍ରୀ କୁ ହେମ ଡେଲିଭରି କରିବା ନିମନ୍ତେ ବ୍ୟବସାୟୀମାନେ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ କହିଥିଲେ । ଯେଉଁ ଦୋକାନରେ ଅଧିକ ଗହଳୀ ହେବ ଅଥବା ଯେଉଁମାନେ କୋଭିଡ ନିୟମ ଉଲଘଂନ କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ତେବେ ସହରାଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୨୦ହଜାର କୋଭିଡ ଟୀକା ଦିଆଯାଇଛି । ସରାକର ସାସ୍ଥ୍ୟସେବାକୁ ଗୁରୁ ଦେଉଛନ୍ତି ଏବଂ ଲୋକମାନଙ୍କର ଚିକିତ୍ସା ପାଇଁ ସରକାରୀ ମେଡିକାଲରେ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ ।

## ଚାଷୀଙ୍କ ଠାରୁ ସମସ୍ତ ରବିଧାନ କିଣିବାକୁ କିଷାନ କ୍ଷେତମଜଦୁର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ: ବୌଦ୍ଧଜିଲାରେ ରବିଧାନ ଅମଳ ପୂର୍ବରୁ ମୌସୁମୀ ପହଂଚିବା ସହିତ କରୋନାରେ ତାଲାବନ୍ଦ ଯୋଗୁଁ ରବିଧାନ ବିକ୍ରୟ କରିବାରେ ଚାଷୀମାନେ ବିଫଳ ହୋଇଛନ୍ତି । ଫଳରେ ଅନେକ ଚାଷୀ ଏବେ ରବିଧାନ ବିକ୍ରୟ କରିପାରିନଥିବା ଅଭିଯୋଗ କରିଛନ୍ତି । ବିଶେଷ ଭାବରେ ସରକାରଙ୍କ ଧାନକିଣା ନିତି ଯୋଗୁଁ ଚାଷୀମାନେ ଧାନ ବିକ୍ରୟ କରିପାରିନଥିବା ଜଣାପଡିଛି । ତେଣୁ ଆସନ୍ତା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଧାନକ୍ରୟ କରାଯିବା ସହିତ ଜିଲାର ସମସ୍ତ ଚାଷୀଙ୍କ ଠାରୁ ରବିଧାନ କିଣାଯିବାକୁ କ୍ଷେତମଜୁଦୁର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଜିଲା କିଷାନ କଂଗ୍ରେସ କମିଟିର ସଭାପତି ରଘୁନାଥ ପଲିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସାକ୍ଷାତ କରି ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ଚାଷୀ ପାଇଥିବା ଟୋକନ ସମୟ ଅତିକ୍ରମ କରିଯାଇଥିବାବେଳେ କୃଷି ଶ୍ରମିକ ଅଭାବ ଚାଷୀମାନଙ୍କୁ ଚିନ୍ତାରେ ପକାଇଦେଇଛି ।

## ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ନିଷେଧାଦେଶ ପତ୍ରିବାଦରେ ବିଜେପିର ଧାରଣା




କେନ୍ଦ୍ରାପଡ଼ା : କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ନିଷେଧାଦେଶ ପ୍ରତିବାଦରେ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଦେଖିବାକୁ ମିଳିଛି । ରାଜ୍ୟସରକାରଙ୍କ ନିଷ୍ପତି ଅନୁସାରେ ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ କେନ୍ଦ୍ରାପଡାରେ ଶ୍ରୀ ଶ୍ରୀ ବଳଦେବଜୀଯୁଙ୍କ ବ୍ରହ୍ମ ତାଳଧ୍ୱଜ ରଥ ବଡଦାଣ୍ଡରେ ଗଡିବ ନାହିଁ, ଏହା କେନ୍ଦ୍ରାପଡାର ଜନସାଧାରଣଙ୍କ ଧର୍ମୀୟ ଭାବନା ପ୍ରତି ଶକ୍ତ କୁଠାରାଘାତ ବୋଲି ବିଜେପି କହିଛି । ବାର୍ଷିକ ନୀତିକାନ୍ତିର ଅଂଶ ବିଶେଷ ଭାବେ ନିଜ ବଡଦାଣ୍ଡରେ ରଥଯାତ୍ରା କେବଳ ପୁରୀ ଶ୍ରୀ ଜଗନ୍ନାଥଙ୍କର ନୁହେଁ ବରଂ କେନ୍ଦ୍ରାପଡାର ଶ୍ରୀ ବଳଦେବଜୀଯୁଙ୍କର ମଧ ସମାନ ପରମ୍ପରାରେ ସମ୍ପାଦନ ହୋଇଥାଏ । ଗତ ବର୍ଷ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତିକୁ ସର୍ବୋଚ୍ଚ ନ୍ୟାୟାଳୟ ପରିବର୍ତ୍ତନ କରି ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ନୀତିକାନ୍ତିଙ୍କୁ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ସଫଳତାର ସହ ସମ୍ପନ୍ନ ହୋଇଥିଲା । କିନ୍ତୁ ଚଳିତ ବର୍ଷ ବହୁ ପୁରାତନ, ସ୍ୱତନ୍ତ୍ର ଆଧାମ୍ବିକ ତଥା ପୌରାଣିକ ପୃଷ୍ଠଭୂମି ସଂପନ୍ନ କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ଶ୍ରୀ ବଳଦେବଜୀଯୁଙ୍କର ରଥଯାତ୍ରା ନିମନ୍ତେ ଅଙ୍କୁଶ ଲଗାଇବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଏହାର ପ୍ରତିବାଦରେ ବିଜେପି କେନ୍ଦ୍ରାପଡା ଜିଲା ଟିମ ଦ୍ୱାରା ପୃଥକ ଭାବେ ଦୁଇଟି ଦାବୀପତ୍ର ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖି ଦୃଶିଆ ପଦକ୍ଷେପ ରାଜ୍ୟ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ନିଆଗଲା ନାହିଁ । ଅପରପକ୍ଷେ ରଥର ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇ ସମଗ୍ର କେନ୍ଦ୍ରାପଡାର ଅଗଣିତ ଭକ୍ତମାନଙ୍କ ଧର୍ମୀୟ ଭାବନାକୁ ଉପେକ୍ଷା କରାଯାଇଛି । ଏଥି ନିମନ୍ତେ ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ପକ୍ଷରୁ ଶୁକ୍ରବାର ସମ୍ପୂର୍ଣ୍ଣ କୋଭିଡ ଗାଇଡ ଲାଇନ ଅନୁପାଳନ ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ପ୍ରଦର୍ଶନ କରାଯାଇ ସରକାରଙ୍କ ନିକଟରେ ଦାବିମାନ ତୁରନ୍ତ ସମାଧାନ ନିମନ୍ତେ ଉପସ୍ଥାପନା କରାଗଲା । ଅନ୍ୟଥା ଏହି ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ । କେନ୍ଦ୍ରାପଡାର ଶ୍ରୀ ଶ୍ରୀ ବଳଦେବଜୀଯୁଙ୍କ ରଥଯାତ୍ରା ନିମନ୍ତେ ନିଷେଧାଦେଶକୁ ରାଜ୍ୟସରକାରଙ୍କ ଦ୍ୱାରା ପୁନଃ ବିଚାର କରି ସମ୍ପୂର୍ଣ୍ଣ କୋଭିଡ ଗାଇଡ ଲାଇନ ଅନୁଯାୟୀ କେବଳ ପୂଜକ ଓ ସେବାୟତମାନଙ୍କ ଦ୍ୱାରା ରଥଯାତ୍ରା ସମ୍ପାଦନ ପାଇଁ ଅନୁମତି ପ୍ରଦାନ କରାଯିବା ଏବଂ ବ୍ରହ୍ମତାଳ ଧ୍ୱଜ ରଥର ନିର୍ମାଣ କାର୍ଯ୍ୟ ଜାରି ରଖି ପୂର୍ଣ୍ଣାଙ୍ଗ କରିବା ପାଇଁ ଆଦେଶ ପ୍ରଦାନ କରାଯିବାକୁ ବିଜେପି ପକ୍ଷରୁ ଦାବି କରାଯାଇଛି । ଏହି ଧାରଣାରେ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ବରିଷ୍ଠ ବିଜେପି ନେତା ମହମ୍ମଦ ସଲୀମ ଖାନ, ନୃସିଂହପ୍ରସାଦ ପତ୍ରୀ, ନେହେରୁ କୁମାର ସାହୁ, ଅଭିମନ୍ୟୁ ଗୋଛାୟତ, ଉପିନ ରାଉତ, ବିନ୍ଦୁ ସାଗର ଦାସ, ଅମିତାଭ ସୁଆର, ସେକ ବୁରହାନ ଅଲ୍ଲୀ, ସୁନାକର ବେହେରା, ସନ୍ଦିପନୀ ଆର୍ଯ୍ୟକୁମାର, ମନମୋହନ ବେଉରା, ଶଶାଙ୍କ ଶେଖର ସେଠୀ, ଦୟାନିଧି ବଳ, ମୁକ୍ତିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

## ଏସଏଚଜି ଗ୍ରୁପ୍ ନାମରେ ପୌର ଯନ୍ତ୍ରୀଙ୍କ କାରନାମା

ଜୟପୁର:ଜୟପୁର ପୌର ପାଳିକା ଅଧିନରେ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ଦୁର୍ନିତିର ତଦନ୍ତ କରିବାକୁ ଯୁବ ସଂଗଠନ ତରଫରୁ ଜିଲାପାଳଙ୍କ ନିକଟରେ ଆବାହକ ରବିନ୍ଦ୍ର ମହାପାତ୍ର ଦାବି କରିଛନ୍ତି । ଜୟପୁର ପୌରପରିଷଦର ପେ ୱାଟର ହରଭେଷ୍ଟିଙ୍ଗ ଷ୍ଟ୍ରକଚର ନିର୍ମାଣ ସକାଶେ ପ୍ରଥମ ପର୍ଯ୍ୟାୟରେ ୬୦ଟି କାର୍ଯ୍ୟ ଜିଲାପାଳଙ୍କ ଅନୁମୋଦନ ପ୍ରାପ୍ତ ହୋଇଥିଲା । ଏହା ପରେ ଦ୍ୱିତିୟ ପର୍ଯ୍ୟାୟରେ ପୁଣି ୫୧ଟି କାର୍ଯ୍ୟ ଜିଲାପାଳଙ୍କ ଅନୁମୋଦନ ପ୍ରାପ୍ତ ହୋଇଛି । ମୋଟ୍ ୧୧୧ଟି କାର୍ଯ୍ୟ ଅନୁମୋଦ ହୋଇଛି । କିନ୍ତୁ, ପୌର ଯନ୍ତ୍ରୀ ଓ କନଷ୍ଠ ଯନ୍ତ୍ରୀ ନିଜ ଇଚ୍ଛାରେ ପରିବର୍ତିତ କରି ଅନୁମୋଦିତ କାର୍ଯ୍ୟ ନକରି ଅଲଗା ୨୦ରୁ ଅଧିକ ସ୍ଥାନରେ ବିନା ଅନୁମୋଦନରେ କାର୍ଯ୍ୟ କରିଛନ୍ତି । ଯଦିଓ ପରିବର୍ତନ କରିଛନ୍ତି ତାହା ଅନୁଦାନପ୍ରାପ୍ତ କରିବା ଜରୁରୀ ନୁହେଁକି । ଜିଲାପାଳଙ୍କ ଅନୁମୋଦନ ପ୍ରାପ୍ତ ନହୋଇ ପୌର ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଙ୍କ ଚଂଚକତାରେ ହୋଇଥିବା କାର୍ଯ୍ୟ ହୋଇଛି ଅଫିସ ଅଫ ଆରଡବ୍ଲୁ ଏସଏସ-୧. ଅଫିସ ଅଫ ଦି ଏକଜିକ୍ୟୁଟିଭ ଇଞ୍ଜିନିୟର ଏଗ୍ରିକଲଚର, ଲିଙ୍ଗରାଜ ନଗର ଇଣ୍ଡୋର ଷ୍ଟାଡିୟମ, ବିଏସଏନଏଲ କୋଲନି-୧, ବିଏସଏନଏଲ-୨, ଅଙ୍ଗନବାଡୀ ସେଂଟର, ବିନା ଅନୁମୋଦନରେ କାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବାରୁ ସଂଗଠନ ବିରୋଧ କରିଛି । ଏହି ସବୁ କାର୍ଯ୍ୟ ମୁକ୍ତା ଯୋଜନା, ୟୁଡ୍ଲୁଇଆଇ ଯୋଜନା ମାଧ୍ୟମରେ ଏସଏଚଜି ମହିଳା ଗୋଷ୍ଠି ସଶକ୍ତିକରଣ କରିବାର ଉଦ୍ଦେଶ୍ୟ ସରକାର ଓ ପ୍ରଶାସନର ରହିଥିବା ବେଳେ ସ୍ଥାନୀୟ ଯନ୍ତ୍ରୀ ମାନେ ଏଥିରେ ନିଜ ସ୍ୱାର୍ଥ ହାସଲ କରି ଏସଏଚଜି ମହିଳା ଗୋଷ୍ଠିର ଅଧିକାର କ୍ଷୁର୍ଣ୍ଣ କରିଛନ୍ତି । ସହରର ୱାଟର ହରଭେଷ୍ଟିଙ୍ଗ ଷ୍ଟ୍ରକଚର କାର୍ଯ୍ୟ ହୋଇଛି ଏଥିରୁ ଅଧିକାଂଶ କେବଳ କାଗଜ ପତ୍ରରେ ଏସଏଚଜିଙ୍କ ନାମରେ ଦର୍ଶାଯାଇଛି । କେଉଁ କାର୍ଯ୍ୟ ହୋଇଛି ଏବଂ ଏହି କାର୍ଯ୍ୟ କେତେ ଟଙ୍କାରେ ହୋଇଛି ତାହା ଏସଏଚଜି ମାନେ ହିଁ ଜାଣି ନାହାଁନ୍ତି । ତେଣୁ ସମସ୍ତ କାର୍ଯ୍ୟର ତଦନ୍ତ କରି ଦୁର୍ନିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପୌର ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କର ଓ ପରିବାରର ଆର୍ଥିକ ସ୍ଥିତିର ଭିଜିଲାନ୍ସ ତଦନ୍ତ କଲେ ସବୁ କଥା ଲୋକ ଲୋଚନକୁ ଆସି ପାରିବ ବୋଲି ଦାବୀ ପତ୍ରରେ ଉଲ୍ଲେଖ ରହିଛି ।

## ବିଭିନ୍ନ ଦାବୀରେ ଓଡିଶା ଫାର୍ମାସିଷ୍ଟ ଆସୋସିଏସନ କନ୍ଧମାଳ ଶଖା ପକ୍ଷରୁ ପ୍ରତୀକାତ୍ମକ ଆନ୍ଦୋଳନ

କନ୍ଧମାଳ: ଓଡିଶା ଫାର୍ମାସିଷ୍ଟ ଆସୋସିଏସନ କନ୍ଧମାଳ ଶାଖାର ପ୍ରତୀକାତ୍ମକ ଆନ୍ଦୋଳନ ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଛି । ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ମାନଙ୍କ ସମେତ ସମସ୍ତ ଏମ.ଏଚ.ୟୁ,ଆର.ବି.ଏସ୍.କେ ଏବଂ ଏମ.ଏଚ୍.ଟି ଗୁଡିକରେ କାର୍ଯ୍ୟରତ ଥିବା ଅବସ୍ଥାରେ ସମସ୍ତ ଫାର୍ମାସିଷ୍ଟ ମାନେ ସେମାନଙ୍କର ବିଭିନ୍ନ ଦାବୀରେ ପ୍ରତୀକାତ୍ମକ ଭାବରେ ଗତ ୧୦ ତାରିଖରୁ କଳା ବ୍ୟାଚ୍ ପିନ୍ଧି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ସହିତ ସେମାନେ ନିୟୋଜିତ ଥିବା କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟରତ ରହିବେ ବୋଲି ଜଣାଇଛନ୍ତି । ଆସୋସିଏସନର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଙ୍କ କୋଭିଡ ନିୟମ ଅନୁସାରେ ଲୋକଙ୍କୁ ସେବା ଯୋଗାଇ ଦେବାକୁ ଆସୋସିଏସନ ଏହି ପଦକ୍ଷେପ ନେଇଥିବା କହିଛନ୍ତି ଜିଲ୍ଲା ଉପସଭାପତି ଦୁର୍ଗା ପ୍ରସାଦ ବେହେରା । ତେବେ ସରକାର ଫାର୍ମାସିଷ୍ଟ ମାନଙ୍କର ଦାବୀ ପୁରଣ ଦିଗରେ କୌଣସି ପଦକ୍ଷପେ ନ ନେଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି । ସେମାନଙ୍କର ଦାବୀ ଗୁଡିକ ମଧ୍ୟରୁ ୨୦୧୦ ମସିହା ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱରା ଫାର୍ମାସିଷ୍ଟ ମାନଙ୍କ ପଦୋନ୍ନତି ପାଇଁ ନିଆଯାଇ ଥିବା ନିଷ୍ପତି ଅନୁସାରେ କ୍ୟାଡରର ପୁନର୍ଗଠନ କରିବା,ବିଭାଗ ଦ୍ୱାରା ତ୍ରୁଟିପୁର୍ଣ୍ଣ କ୍ୟାଡର ବିନ୍ୟାସକୁ ସୁଧାରି ସେମାନଙ୍କ ମଧ୍ୟରୁ ଯୋଗ୍ୟ କର୍ମଚାରୀ ମାନଙ୍କର ପଦୋନ୍ନତି କରାଯିବା,ମାନ୍ୟବର ନ୍ୟାୟାଳୟଙ୍କ ଆଦେଶ ପ୍ରକାରେ କିଛି ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆରଏସିପି ପ୍ରାପ୍ୟ ପ୍ରଦାନ କରିବା,ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ନିଯୁକ୍ତ ଫାର୍ମାସିଷ୍ଟ ମାନଙ୍କୁ ସେମାନଙ୍କର ଯୋଗ୍ୟତା ଏବଂ ବରିଷ୍ଠତା ଆଧାରରେ ଖାଲି ପଡିଥିବା ସରକାରୀ ପଦବୀରେ ନିୟମିତ କର୍ମଚାରୀ ଭାବରେ ନିଯୁକ୍ତି ପ୍ରଦାନ କରିବା,ରାଜ୍ୟରେ ନିରାମୟ ଯୋଜନା କାର୍ଯ୍ୟକାରୀ ହେବାପରେ ଫାର୍ମାସିଷ୍ଟ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ସହିତ ଏଥିରେ ଆବଶ୍ୟକୀୟ କମ୍ପ୍ୟୁଟର ସମ୍ବନ୍ଧୀୟ କାର୍ଯ୍ୟକୁ ମଧ୍ୟ ସେମାନଙ୍କ ଦ୍ୱାରା କରାଯିବା ଯୋଗୁଁ ଫାର୍ମାସିଷ୍ଟ ମାନଙ୍କର କାର୍ଯ୍ୟଚାପ ବୃଦ୍ଧି ପାଉଥିବାରୁ କମ୍ପ୍ୟୁଟର କାମପାଇଁ ଡିଇଓ ନିଯୁକ୍ତ କରାଯିବା,ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବା ସ୍ଥଳେ ଫାର୍ମାସିଷ୍ଟ ମାନଙ୍କୁ ଡାକ୍ତର ମାନଙ୍କ ବଦଳରେ କାର୍ଯ୍ୟ ତୁଲାଇବା ସହିତ ସେମାନେ ଦେଉଥିବା ଔଷଧର ତାଲିକାକୁ ସଂଶୋଧନ ନକରି ଅଣଦେଖା ନ କରିବା,କୋଭିଡ ସଂକ୍ରମଣ କାଳରେ ଫାର୍ମାସିଷ୍ଟ ମାନେ ନିରବଚ୍ଛିନ୍ନ ଭାବରେ ସେମାନଙ୍କ ଦାୟୀତ୍ୱ ତୁଲାଇବା ବେଳେ କୋଭିଡରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରିଥିବା ପାର୍ମାସିଷ୍ଟ ମାନଙ୍କୁ କୋଭିଡରେ କାମ କରିନଥିବା ଦର୍ଶାଇ କୋଭିଡ ଯୋଦ୍ଧା ଘୋଷଣା କରିବା ପରିବର୍ତେ ସେମାନେ କୋଭିଡରେ କାର୍ଯ୍ୟ କରିନଥିବା ଦର୍ଶାଇ ସେମାନଙ୍କୁ କୋଭିଡ ଯୋଦ୍ଧା ଭାବରେ ଘୋଷଣା ନ କରି ସେମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କୋଭିଡ ଯୋଦ୍ଧାର ସହାୟତା ନ ଦେବା ଯୋଗୁଁ ସେମାନଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବାରୁ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇବା, ଫାର୍ମାସିଷ୍ଟ ମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ବୃଦ୍ଧି କରିବାକୁ ବି.ଫାର୍ମା କରିବାକୁ ବହୁତ ଦିନରୁ ଦାବୀ ହେଉଥିବାବେଳେ ତାହ ତୁରନ୍ତ ସରକାର କାର୍ଯ୍ୟକାରୀ କରିବା ଭଳି ବିଭିନ୍ନ ଦାବୀ ପୁରଣ କରାଯିବା ପାଇଁ ଆସୋସିଏସନ ପକ୍ଷରୁ ଏହି ପ୍ରତିକାତ୍ମକ ଆନ୍ଦୋଳନ ଜାରି ରହିଛନ୍ତି । ୨୦ ତାରଖ ସୁଦ୍ଧା ସରକାର ଏହି ଦାବୀ ସବୁକୁ ନ ମାନିଲେ ପାର୍ମାସିଷ୍ଟ ମାନେ ୨୦ ତାରିଖ ପରଠାରୁ ସେମାନଙ୍କର ନିଜ କାମ ବ୍ୟତୀତ ବିଭାଗ ଦ୍ୱାରା ପ୍ରଦାନ କରାଯିବା ଅନ୍ୟ କାମ ସବୁକୁ କରିବେନାହିଁ ବୋଲି ଆସୋସିଏସନ ପକ୍ଷରୁ ଜଣାପଡିଛି ।

## ବେଆଇନ ବାଲି ବୋଝେଇ ଟ୍ରକ ଜବତ୍




କେନ୍ଦୁଝର(ପିଏନ): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଧୂର୍ପଦାରେ ଏକ ବେଆଇନ ବାଲି ବୋଝେଇ ଟ୍ରକକୁ ସଦର ତହସିଲଦାରଙ୍କ ନେତୃତ୍ୱରେ ସ୍କାର୍ଡ ଗୁରୁବାର ଦିନ ସକାଳ ୮ଟା ସମୟରେ ଜବତ୍ କରିଛି । ଆନନ୍ଦପୁର ଅଞ୍ଚଳରୁ ବାଲି ବୋଝେଇ ଗାଡି ବିନା ଟ୍ରାନଜିଟ ପାସରେ ଯାଉଥିବା ଖବର ପାଇ ସଦର ତହସିଲଦାର ଆଶିଷ ମହାପାତ୍ର,ସଦର ଆରଆଇ ଭୋଳେଶ୍ୱର ପାତ୍ର, ଏଆରଆଇ ମନୋଜ ମହାନ୍ତ ଏବଂ ପୋଲିସ କର୍ମଚାରୀ ଗାଡିକୁ ଜବତ୍ କରି ଟାଉନ ଥାନାକୁ ହସ୍ତାନ୍ତର କରିଥିଲେ । ପରେ ୩୦ ହଜାର ଟଙ୍କା ଫାଇନ ଦେବା ପରେ ଗାଡିଟି ଛାଡ ପାଇଥିଲା । ଆନନ୍ଦପୁର ତହସିଲରୁ ଲୁଚାଛପାରେ ନିୟମିତ ବହୁ ଗାଡି କେନ୍ଦୁଝରକୁ ଆସୁଥିବାବେଳେ ତହସିଲ ପକ୍ଷରୁ ଯାଞ୍ଚ କରାଯାଉଛି । ଆଇନଗତ ଭାବେ ଉତ୍ସରୁ ବାଲି ନଆଣି ଚୋରାରେ ବାଲି ଯୋଗାଣ ହେଉଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି । ଲଘୁ ଖଣିଜ ଦ୍ରବ୍ୟର ଚୋରାକାରବାର ରୋକିବା ସହ ରାଜସ୍ୱ ବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଥିବା ସଦର ତହସିଲଦାର ପ୍ରକାଶ କରିଛନ୍ତି । ଚୋରୀ ହେଉଥିବା ସ୍ଥାନରେ ନୂତନ ସୌରାତ ଘୋଷଣା କରାଯାଇ ନିଲାମ ପ୍ରକ୍ରୀୟା ଶେଷ କରିବା ସହ ମାଇନିଂ ପ୍ଲାନ ଏବଂ ପରିବେଶ ମଞ୍ଜୁରୀ କାର୍ଯ୍ୟ କରାଯାଉଛି । ବେଆଇନ ଖଣିଜ କାରବାର ରୋକିବା ପାଇଁ କେନ୍ଦୁଝର ସଦର ଉପଖଣ୍ଡରେ ଓଆଇଏସଏଫ ମୃତୟନ କରାଗଲେ ଏହି କାରବାର ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ମତବ୍ୟକ୍ତ ହୋଇଛି ।

## ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

ହାଟଡିହି (ପିଏନ) :କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଆସନ୍ତା ଅକ୍ଟୋବର ୧୫ ପ୍ରତିବେଶି ଦିବସ ଅବସରରେ ବିଭିନ୍ନ ସକରାତ୍ମକ ଭାବନାକୁ ନେଇ ପରିବେଶ ପ୍ରଦୂଷଣ ରୋକିବା ଓ ଅଧିକ ବୃଷ୍ଟିପାତ କରିବା ସକଳ ଭାବନାକୁ ଜାରି ରଖିଛନ୍ତି । ଏହି ଦିବସର ଗୁରୁତ୍ୱକୁ ନେଇ ବିଦ୍ୟୁତ୍ ବିଭାଗର ସିନିଅର ଡିଭିଜନ ଅଧିକାରୀ ମହେଶ୍ୱର ନାୟକ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଏଥିରେ ମୁଖ୍ୟ ପ୍ରଶିକ୍ଷକ ତଥା ଲିମ୍କା ବୁକ୍ ଅଫ୍ ରେକର୍ଡ ୨୦୧୮ ମସିହାରେ ପୁରସ୍କୃତ ହୋଇଥିବା ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ରାଧାକାନ୍ତ ତ୍ରିପାଠୀଙ୍କ ପରି ଆଉ କିଛି ଅସାଧାରଣ ଯୁବକ ରହିଥିଲେ । ଯେଉଁ ମାନଙ୍କ ମଧରେ ଶଙ୍କର୍ଷଣ ସ୍ୱାଇଁ ଯୁବ ସମାଜସେବୀ ନସିରପୁର ଓ ପ୍ରଦୀପ ଯେନା ଶାଳଣିଆଁ ଲାଇନ୍ ମ୍ୟାନ୍, ନସିରପୁର ଗ୍ରାମବାସୀ ମାନଙ୍କ ମଧରେ ବଳରାମ ସା, ଶ୍ରୀକାନ୍ତ ମିଶ୍ର, ରଶ୍ମିରଞ୍ଜନ ତ୍ରିପାଠୀ, ଆନନ୍ଦପୁର ଓକିଲ ସଂଘ ସଭ୍ୟ ଗୋପିନାଥ ନାୟକ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନସିରପୁର ଠାରେ ୩ ପ୍ରଜାତିର ୫ଶହ ଗଛ ଲଗା ଯାଇଛି । ଆଗରୁ ପୁରା ଜିଲ୍ଲା ଏବଂ ଜିଲ୍ଲା ବାହାରେ ଗଛ ଲଗାଯିବା କଥା ପ୍ରକାଶ କରିଛନ୍ତି ପ୍ରଶିକ୍ଷକ ରାଧାକାନ୍ତ ତ୍ରିପାଠୀ ।

## ଠାକୁରପଡା ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ହରିଚନ୍ଦନପୁର(ପିଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଠାକୁରପଡା ଗ୍ରାମ ପଂଚାୟତରେ ସରପଂଚ ବିଜେନ୍ଦ୍ର ନାଏକ, ସମିତିସଭ୍ୟ ତ୍ରିଲୋଚନ ମହାନ୍ତ, ଜିଆରଏସ୍ ଦାଶରଥି ନାଏକ ଏବଂ ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ କରୋନା କଟକଣାର ନିୟମକୁ ମାନି ସର୍ବମୋଟ୍ ୧୦୪ଟି କାର୍ଯ୍ୟାଦେଶ ମଧ୍ୟରୁ ୨୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି । ରହି ଯାଇଥିବା ଅନ୍ୟ କାର୍ଯ୍ୟାଦେଶ ଗୁଡିକ ପ୍ରତ୍ୟେକ ୱାର୍ଡମେମ୍ବରଙ୍କ ଦ୍ୱାରା ବଣ୍ଟନ କରାଯିବ ବୋଲି ସରପଂଚ ଏବଂ ସମିତିସଭ୍ୟ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପଂଚାୟତବାସୀ ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ବୋଲି ପ୍ରକାଶ କରିଛନ୍ତି ।

## ନୂତନ ଡାକ ନିରୀକ୍ଷକଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା



କେନ୍ଦୁଝର(ପିଏନ)- ଦୀର୍ଘଦିନ ଧରି କେନ୍ଦୁଝର ଡାକ ବିଭାଗର ଡାକ ନିରୀକ୍ଷକ ପୂର୍ବାଞ୍ଚଳ ପଦ ଖାଲି ପଡିଥିଲା । ଫଳରେ ପଶ୍ଚିମାଞ୍ଚଳ ଡାକ ନିରୀକ୍ଷକଙ୍କ ଉପରେ କାର୍ଯ୍ୟ ଭାର ବହୁତ ଅଧିକ ଥିଲା । ଏଣୁ ପୂର୍ବାଞ୍ଚଳ ସବ୍‌ଡିଭିଜନରେ କାର୍ଯ୍ୟ କରୁଥିବା ବାହୁ ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇ ଯାଇଥିଲା । ବିଳମ୍ବରେ ହେଲେ ମଧ ପି.ଏମ୍.ଜି. ସମ୍ବଲପୁର କେନ୍ଦୁଝର ଜିଲ୍ଲା ପୂର୍ବଞ୍ଚଳ ସବ୍‌ଡିଭିଜନରେ ଡାକ ନିରୀକ୍ଷକ ପୁରସ୍ତମ ନାୟକ ତାଙ୍କର କାର୍ଯ୍ୟରେ ନୂତନ ଭାବେ ଯୋଗଦାନ କରିଛନ୍ତି । ଶ୍ରୀ ନାୟକଙ୍କ ଯୋଗଦାନ ହେତୁ ଜିଲ୍ଲା ଗ୍ରାମୀଣ ଡାକ ସେବକ ସଂଘର ସମ୍ପାଦକ ସଂଜୟ କୁମାର ପଣ୍ଡା ଓ ସାଥୀ ସହସମ୍ପାଦକ ପରମାନନ୍ଦ ଦାଶ, ଲକ୍ଷ୍ମଣ କୁମାର ମହାପାତ୍ର, ବିଦ୍ୟାଧର ସିଂହ, ମହେନ୍ଦ୍ର ମହାନ୍ତ, ଋଷିନାଥ ମହାନ୍ତ ସଂଘ କାର୍ଯ୍ୟକର୍ତ୍ତା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶ୍ରୀ ପଣ୍ଡା ଗ୍ରାମୀଣ ଡାକ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଶ୍ରୀ ନାୟକଙ୍କୁ ଅନୁରୋଧ କରିଥିଲେ । ଗ୍ରାମାଞ୍ଚଳର ବିଭିନ୍ନ ଡାକଘରେ ନୂତନ ପ୍ରଯୁକ୍ତି ଯନ୍ତ୍ରପାତି କିପରି ସଠିକ୍ ବିନିଯୋଗ ହୋଇ ପାରିବ ଏବଂ ଜନସାଧାରଣ କିପରି ତ୍ୱରିତ ସେବା ପାଇ ପାରିବେ ସେଥିପାଇଁ ପ୍ରାଥମିକତା ଦେବାକୁ ସଂଘ ଅନୁରୋଧ କରିଥିଲା । ଡାକ ନିରୀକ୍ଷକଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ ।

## ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି । ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି । ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ । ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି । ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି । ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି । ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି । ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆରଇସି) କିଣାଯାଇ ପାରୁଛି । ଯାହାଦ୍ୱାରା ରେନେୱିବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି । ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି । ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱିବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ । ରିନେୱିବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି । ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ । ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ । ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ । ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ । ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ ।




# କୋଭିଡ ଦ୍ୱିତୀୟ ଲହରର ପ୍ରଥମ ସଟଡାଉନରେ କେନ୍ଦ୍ରାପଡା ସହର ଜନଶୂନ୍ୟ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ - ୧୯ର ଦ୍ୱିତୀୟ ଲହରର ପ୍ରଥମ ସଟଡାଉନ ଘୋଷଣା ପରେ ଶନିବାର କେନ୍ଦ୍ରାପଡା ସହର ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ



ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ନେଇ ରାଜ୍ୟ ସରକାରଙ୍କ ଘୋଷଣା ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ଜାରି ପରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରିବାକୁ ଉଚିତ ମଣିନଥିବା ଦେଖାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ଥିବା ଦେଖିବାକୁ ମିଳିଛି । ଏସବୁ ସ୍ଥାନ ଗୁଡିକରେ ବିଶେଷ ଭାବରେ ପୋଲିସ ବ୍ୟବସ୍ଥା ନଥାଇ ମଧ୍ୟ ଲୋକମାନେ ରାସ୍ତା ଉପରକୁ ଆସିନଥିବା ଦେଖାଯାଇଥିଲା । କୋଭିଡ ସଂକ୍ରମଣର ଭୟାବହତା ସମ୍ପର୍କରେ



ସାଧାରଣ ଲୋକ ପ୍ରାୟ ସଚେତନ ଥିଲା ପରି ଜଣାପଡୁଥିଲା । ଫଳରେ ପୋଲିସ ରାସ୍ତାରେ ନଥିଲେ ମଧ୍ୟ ଲୋକମାନେ ଘରୁ ବାହାରୁ ନଥିବା ଦେଖିବାକୁ ମିଳିଥିଲା । ଲୋକମାନେ ଏଭଳି ଭାବରେ ନିଜେ ସଚେତନ ହୋଇ କୋଭିଡ ନିୟମକୁ ଅନୁପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷା, ହାତ ସାନିଟାଇଜ କରିବା ଓ ମାସ୍କ ପରିଧାନ ଦ୍ୱାରା ସହଜରେ କରୋନା ଭଳି ମହାମାରୀର ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଉପଜିଲ୍ଲାପାଳ ନିରଞ୍ଜନ ବେହେରା କହିଛନ୍ତି । ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଅମାନିଆଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । କୋଭିଡ - ୧୯ର ଦ୍ୱିତୀୟ ଲହରର ସଟଡାଉନ ଘୋଷଣା ପରେ ରବିବାର କେନ୍ଦ୍ରାପଡା ସହର ପ୍ରଥମ ଦିନ ଭଳି ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହର ସଟଡାଉନର ଦ୍ୱିତୀୟ ଦିନରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରୁ ନଥିବା ଦେଖାଯାଇଛି । କେତେକ ସ୍ଥାନରେ କିଛି ଆମାନିଆ ରାସ୍ତା ଉପରକୁ ଆସିଥିବା ବେଳେ ପୋଲିସର କଡା ପ୍ରହରା ସେମାନଙ୍କୁ ଫେରି ଯିବାକୁ ବାଧ କରିଥିଲା । କେନ୍ଦ୍ରାପଡା ପୌରାଞ୍ଚଳର ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ରହିଥିବା ଦେଖିବାକୁ ମିଳିଛି । କାଁ ଭାଁ କିଛି ଅମାନିଆମାନେ ରାସ୍ତା ଉପରକୁ ଆସିଯାଇଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିବାର ଦେଖିବାକୁ ମିଳିଛି । କେତେକ ସରକାରୀ କର୍ମଚାରୀ ଏବଂ ଅନ୍ୟ କିଛି ଜରୁରୀ କାର୍ଯ୍ୟରେ ଯାଉଥିବା ବେଳେ ପୋଲିସକୁ ପରିଚୟ ପତ୍ର ଓ ପ୍ରମାଣ ଦେଖାଇ ଯାଉଥିବାର ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲ, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ହାବିଲଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରାଇବା ସହ ଅମାନିଆଙ୍କୁ ଘଉଡାଇଦେଇଥିବାର ଦେଖିବାକୁ ମିଳିଥିଲା ।

## କରୋନା ବିରୋଧରେ ଲଢିବା ପାଇଁ ପାରସ୍ପରିକ ବିଶ୍ୱାସ ଆବଶ୍ୟକ



ଭୁବନେଶ୍ୱର (ପିଏନ୍): କୋଭିଡ ମହାମାରୀର ସଂକ୍ରମଣ ପୁଣି ଥରେ ଭୟାନକର ଆହ୍ୱାନ ରୂପେ ଦେଶ ସମ୍ମୁଖରେ ଠିଆ ହୋଇଛି । ମହାମାରୀର ସଂକ୍ରମଣ ଏବଂ ଗମ୍ଭୀରତା ପୂର୍ବ ଅପେକ୍ଷା ଏଥର ଅଧିକ ଗୁରୁତ୍ୱର ଅଟେ । ଆଜି ଦେଶର ଅଧିକାଂଶ ଅଂଚଳ ଏହାର ନିର୍ଦ୍ଦୟ ମାଡର ସମ୍ମୁଖୀନ ହେଉଛନ୍ତି । ବହୁ ସଂଖ୍ୟାର ଲୋକ ସଂକ୍ରମିତ ହୋଇ ଡାକ୍ତରଖାନାରେ ଭର୍ତି ହେଉଛନ୍ତି । ଶହଶହ ପରିବାର ମଧ୍ୟ ନିଜର ପ୍ରିୟଜନଙ୍କୁ ହରାଉଛନ୍ତି । ଏହି ବିପର୍ଯ୍ୟୟରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ସମସ୍ତ ଦେଶବାସୀଙ୍କୁ ସମବେଦନା ଜ୍ଞାପନ କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସଓ୍ୱାଲେ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରି କହିଛନ୍ତି ଯେ, ପରିସ୍ଥିତି ଭୟଙ୍କର, କିନ୍ତୁ ସମାଜର ଶକ୍ତି କମିଯାଇନାହିଁ । ଚରମ ସଂକଟ ସହ ମୁକାବିଲା କରିବାର ଆମର କ୍ଷମତା ଜଣାଶୁଣା । ଆମେ ବିଶ୍ୱାସ କରୁ ଯେ ଧୈର୍ଯ୍ୟ ଏବଂ ମନୋବଳ ବଜାୟ ରଖି ଆମେ ନିଜେ ଅନୁଶାସନ ଏବଂ ପରସ୍ପର ସହଯୋଗ ଦ୍ୱାରା ନିଶ୍ଚିତ ଭାବରେ ଏହି ଭୟଙ୍କର ପରିସ୍ଥିତିରେ ବିଜୟୀ ହେବୁ । ମହାମାରୀର ହଠାତ୍ ବିକାଟାଳ ରୂପ ଧାରଣ କରିବାରୁ ଶଯ୍ୟା, ଅମ୍ଳଜାନ ଏବଂ ଔଷଧ ଭଳି ଆବଶ୍ୟକୀୟ ସମ୍ବଳ ଅଭାବରୁ ଡାକ୍ତରଖାନା ଗୁଡିକରେ କଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଭାରତ ପରି ଏକ ବିଶାଳ ଦେଶରେ ସମସ୍ୟାର ସ୍ୱରୂପ ବିଶାଳ ରୂପ ନେଉଛି । ସମସ୍ୟାର ସମାଧାନ ପାଇଁ କେନ୍ଦ୍ର , ରାଜ୍ୟ ସରକାର, ପ୍ରଶାସନ ଏବଂ ସ୍ଥାନୀୟ ସଂଗଠନ ମାନଙ୍କ ଦ୍ୱାରା ବ୍ୟାପକ ଉଦ୍ୟମ କରାଯାଉଛି । ଚିକିତ୍ସା କ୍ଷେତ୍ରରେ ସମସ୍ତ ଭାଇ,ଭଉଣୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମକର୍ତାମାନେ ନିଜ ଜୀବନକୁ ବାଜି ଲଗାଇ ପୂର୍ବପରି ଦାୟିତ୍ୱ ତୁଲାଉଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ ସାରା ଦେଶରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ସକ୍ରିୟ ରହିଛନ୍ତି । ଅନେକ ଧାର୍ମିକ,ସାମାଜିକ ଅନୁଷ୍ଠାନ ସହିତ ସାଧାରଣ ସମାଜ ମଧ୍ୟ ନିଜ ପ୍ରେରଣାରେ ଚ୍ୟାଲେଂଜକୁ ଗମ୍ଭୀରତା ସହ ନେଇ ସମସ୍ତ ପ୍ରକାର ପ୍ରୟାସରେ ନିୟୋଜିତ ଅଛନ୍ତି । ଏହା ମଧ୍ୟ ସମ୍ଭବ ଯେ ସମାଜ ବିରୋଧୀ ତଥା ଭାରତ ବିରୋଧୀ ଶକ୍ତି ଏହି ଗରୁତ୍ୱର ପରିସ୍ଥିତିର ସୁଯୋଗ ନେଇ ଦେଶରେ ନକରାତ୍ମକତା ଏବଂ ଅବିଶ୍ୱାସର ବାତାବରଣ ସୃଷ୍ଟି କରି ପାରନ୍ତି । ଦେଶବାସୀଙ୍କୁ ମଧ୍ୟ ସେମାନଙ୍କର ସକରାତ୍ମକ ପ୍ରୟାସ ସହିତ ଏହି ଶକ୍ତିର ଷଡଯନ୍ତ୍ର ବିଷୟରେ ସଚେତନ ହେବାକୁ ପଡିବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନଙ୍କ ସହିତ ସମାଜର ସମସ୍ତ ସାମାଜିକ, ଧାର୍ମିକ ସଂଗଠନ, ସେବା ସଂଗଠନ, ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଇତ୍ୟାଦି କ୍ଷେତ୍ରର ଭାଇମାନଙ୍କୁ ନମ୍ରତାର ସହ ଅନୁରୋଧ କରେ ଯେ ଏହାର ସମାଧାନ ପାଇଁ ସେବା ଭାବ ସହିତ ଏକତ୍ରିତ ହୋଇ କୌଣସି ପ୍ରକାରରେ ଅଭାବ ଦୂର କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରନ୍ତୁ । ସାମ୍ପ୍ରତିକ ପରିସ୍ଥିତିକୁ ଧ୍ୟାନରେ ରଖି କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଶ୍ରୀ ହୋସଓ୍ୱାଲେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଏବଂ ଅନୁଶାସନ ସମ୍ବନ୍ଧୀୟ ସମସ୍ତ ନିୟମକୁ ପାଳନ କରି ସେବାରେ ନିୟୋଜିତ ଲୋକମାନେ ନିଜେ ନିଜକୁ ସୁରକ୍ଷିତ ରଖନ୍ତୁ । ମାସ୍କ ପିନ୍ଧିବା, ସ୍ୱଚ୍ଛତା, ଶାରୀରିକ ଦୂରତା, ବ୍ୟକ୍ତିଗତ ତଥା ସାର୍ବଜନୀନ କାର୍ଯ୍ୟକ୍ରମରେ ସଂଖ୍ୟା ସୀମା, କର୍ଫ୍ୟୁର ନିୟମ ପାଳନ କରିବା ଏବଂ ଆୟୁର୍ବେଦିକ କାଢା ସେବନ, ବାଷ୍ପ ଗ୍ରହଣ, ଟୀକାକରଣ ପରି ସ୍ୱାସ୍ଥ୍ୟ ବିଷୟଗୁଡିକ ଉପରେ ବ୍ୟାପକ ଜନଜାଗରଣ କରାଯାଉ । ଅତି ଆବଶ୍ୟକ ହେଲେ ଘରୁ ବାହାରକୁ ଯାଆନ୍ତୁ । ସମାଜକୁ ଅନୁରୋଧ କରୁଛି ଯେ, ନିଜେ ସାମୂହିକ ନିଷ୍ପତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଦୈନନ୍ଦିନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରନ୍ତୁ । ସମସ୍ତ ସ୍ତରରେ ଶାସନ, ପ୍ରଶାସନ, ଡାକ୍ତର, ଚିକିତ୍ସା କର୍ମଚାରୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମୀଙ୍କ ସହିତ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ଗଣମାଧ୍ୟମ ସହିତ ସମାଜର ସମସ୍ତ ବର୍ଗଙ୍କୁ ଅନୁରୋଧ ଯେ ସମାଜରେ ସକାରାତ୍ମକତା, ଆଶା ଏବଂ ବିଶ୍ୱାସର ବାତାବରଣ ବଜାୟ ରଖିବାରେ ସହଯୋଗ କରିବାକୁ ଅନୁରୋଧ । ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ବ୍ୟକ୍ତିମାନେ ବିଶେଷ ସଂଯମତା ଏବଂ ସତର୍କତା ସହିତ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ ୱେବିନାର୍



ଭୁବନେଶ୍ୱର (ପିଏନ୍): ଉତ୍କଳ-ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଆୟୋଜିତ ହୋଇଯାଇଛି "ନବ ଓଡ଼ିଶାର ନିର୍ମାତା-ମଧୁବାବୁ"ଶୀର୍ଷକ ୱେବିନାର୍। ଏହି ୱେବିନାରରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ମାନ୍ୟବର ମନ୍ତ୍ରୀ, ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ (ରାଷ୍ଟ୍ର) ମନ୍ତ୍ରୀ । ତାଙ୍କ ଅଭିଭାଷଣରେ ସେ, ମଧୁବାବୁଙ୍କର ଶିଳ୍ପ ପ୍ରତି ଆନ୍ତରିକତା ଓ ସମର୍ପଣ ଭାବକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଏଭଳି ୱେବିନାରରେ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିବାରୁ ଖୁସି ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଭିତରେ ଜଣେ ନାୟକ ବା ନାୟିକା ପ୍ରଚ୍ଛନ୍ନ ଭାବରେ ରହିଥାନ୍ତି ଏବଂ ତା'କୁ ଆବିଷ୍କାର କରିବା ହେଉଛି ଆମମାନଙ୍କର ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ ସୂତାକଟା ଓ ଲୁଗାବୁଣା ଶିଳ୍ପର ବିକାଶ ପାଇଁ ମଧୁବାବୁଙ୍କର ଚେଷ୍ଟା କୁଟୀର ଶିଳ୍ପର ବିକାଶ ଦିଗରେ ସହାୟକ ହୋଇପାରିଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ ତାଙ୍କ ଅଭିଭାଷଣରେ ମଧୁବାବୁଙ୍କର ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପ୍ରତ୍ୟେକ ଜନସାଧାରଣଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ ଆଦର୍ଶରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଅନୁପ୍ରାଣିତ ହେବା ଉଚିତ୍ ବୋଲି ଆଶାବ୍ୟକ୍ତ କରିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିବା ସହିତ ଓଡ଼ିଶାର ଶିଳ୍ପ ଓ ପ୍ରଗତି ପ୍ରତି ଏକ ନୂଆ ରାହା ଦେଖାଇଥିଲେ। ସେ କହିଥିଲେ – ମଧୁବାବୁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ବା ସମାଜ ସୁଧାରକ ନଥିଲେ, ଥିଲେ ଭାଷା ସାହିତ୍ୟର ସାଧକ ଓ ଉପାସକ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ମଧୁବାବୁଙ୍କର ଓଡ଼ିଆ ଜାତି ନିର୍ମାଣରେ ଅବଦାନକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ମଧୁବାବୁ ଓଡ଼ିଆ ଜାତିର ମୁକୁଟବିହୀନ ସମ୍ରାଟ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଧୁନିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କର ଅବଦାନ ଅବିସ୍ମରଣୀୟ ଏବଂ ଏହି ମହାସଂଗ୍ରାମର ସେ ହିଁ ସେନାପତି ବୋଲି ସେ ପ୍ରକାଶ କରିଥିଲେ। ନୂଆ ଓଡ଼ିଶାର ନିର୍ମାଣର ନାୟକ ମଧୁବାବୁଙ୍କ ଜୀବନର ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ସର୍ବଶ୍ରେଷ୍ଠ ଐତିହାସିକ କାର୍ଯ୍ୟ ଏବଂ ଓଡ଼ିଆ ଜାତିକୁ ତାଙ୍କର ଶ୍ରେଷ୍ଠ ଉପହାର ବୋଲି ସେ ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ସେ ପଗଡ଼ି ପୁରୁଷଙ୍କ ବହୁ ଅନାଲୋଚିତ ତଥ୍ୟକୁ ମଧ୍ୟ ଏହି ଅବସରରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଏବଂ ସଂଗ୍ରହାଳୟରେ ଗଚ୍ଛିତ ଥିବା ମଧୁବାବୁଙ୍କ ବ୍ୟବହୃତ ସାମଗ୍ରୀ ତାଙ୍କର ପଗଡ଼ି, ଚଷମା, ହାତବାଡ଼ି, ହାତୀଦାନ୍ତର ଟେବୁଲ୍, ମାନପତ୍ର, ପାନଡବା, ବନ୍ଧୁକ, ରୁମାଲ୍, ଚାମଚ ପ୍ରଭୃତି ଭର୍ଚୁଆଲ୍ ୱେବିନାରରେ ପ୍ରଦର୍ଶନ କରିଥିଲେ, ଯାହାକି ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିଲା। ଏତଦ୍‌ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା କଟକ ସ୍ଥିତ ମଧୁସ୍ମୃତି ସଂଗ୍ରହାଳୟରେ ପ୍ରଦର୍ଶିତ ହୋଇଥିବା ମଧୁବାବୁଙ୍କର ଖଟ, ଗଦି, ତକିଆ, ପୋଷାକ, ଜୋତା, ଆସବାବପତ୍ର ଓ ବିଭିନ୍ନ ଫଟୋଚିତ୍ରଗୁଡ଼ିକୁ ଓଡ଼ିଶାର ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଆଖିରେ ଦେଖିଯିବା ପାଇଁ ନିବେଦନ କରିଥିଲେ। ଏହାଦ୍ୱାରା ପିଲାମାନଙ୍କ ମନରେ ମଧୁବାବୁଙ୍କ ପ୍ରତି ସମର୍ପିତ ତଥା ଉତ୍ସର୍ଗୀକୃତ ଭାବନା ଜାଗ୍ରତ ହେବା ସହିତ ଓଡ଼ିଆ ଜାତିପ୍ରୀତି ପାଇଁ ଅଧିକ ଉତ୍ସାହ ଜାଗ୍ରତ ହୋଇ ପାରିବ। ୱେବିନାର୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଓଡ଼ିଶାର ବରପୁତ୍ର ସମ୍ପର୍କରେ ଧାରାବାହିକ ୱେବିନାର୍‌ର ଏହା ହେଉଛି ପ୍ରଥମ ୱେବିନାର୍, ଯାହା ଥିଲା ଉତ୍କଳଗୌରବ ମଧୁସୂଦନଙ୍କ ପାଇଁ ଉତ୍ସର୍ଗୀକୃତ।

## ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି କରିଛନ୍ତି ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର । ଥାନାର ଏସଆଇ ଏସ.ଆର. ପାଣିଗ୍ରାହୀଙ୍କୁ ସଦର ଥାନାର ଚାନ୍ଦୋଳ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ଚାନ୍ଦୋଳ ଫାଣ୍ଡିରେ ଥିବା ଏସ.ଆଇ. ଶରତ ଚନ୍ଦ୍ର ଦାସଙ୍କୁ ନିକିରେଇ ଥାନାକୁ ବଦଳି କରାଯାଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଏସ.ଆଇ. ବିଲ୍ୱମଙ୍ଗଳ ସେଠୀଙ୍କୁ ଚଉଦକୁଲାଟ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ସେହି ଥାନାର ଏସ.ଆଇ. ବିଶ୍ୱଜୀତ ଭୋଇଙ୍କୁ ପାଟକୁରା ଥାନାକୁ ବଦଳି କରାଯାଇଛି । ଟାଉନ ଥାନାର ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଥିବା ବେଳେ ଚଉଦକୁଲାଟ ଫାଣ୍ଡିର ଏସ.ଆଇ. ବିଜୟ କୁମାର ଖଟୁଆଙ୍କୁ ମାର୍ଶାଘାଇ ଥାନାକୁ ବଦଳି କରାଯାଇଛି । ସେହିପରି ପୋଲିସ ମୁଖ୍ୟାଳୟରେ ଥିବା ଏସ.ଆଇ. ରମାକାନ୍ତ ବେହେରାଙ୍କୁ ରାଜକନିକା ଥାନାକୁ ବଦଳି କରାଯାଇଥିବା ବେଳେ ଡେରାବିଶି ଥାନାରେ ଥିବା ଏସ.ଆଇ. ଶ୍ରୀଧର ମାହାଳିକଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଛି ।

## ପିସିସି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲିଲା

ଭୁବନେଶ୍ୱର (ପିଏନ୍)- କରୋନା ମହାମାରୀ ବର୍ତମାନ ଓଡିଶାରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ଅବସରରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ୫ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି କଂଟ୍ରୋଲ ରୁମ୍ ଦାୟିତ୍ୱରେ ରହି ସୂଚାରୁ ରୂପେ କାର୍ଯ୍ୟ ସମାପନ କରିବେ ବୋଲି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ପଦ୍ମାକର ଗୁରୁ (ମୋ - ୬୩୭୦୯୬୫୯୭୮) ସଂଯୋଜକ ଥିବାବେଳେ ସୁବ୍ରତ ମହାପାତ୍ର (ମୋ - ୯୧୩୨୭୮୫୬୨୪), ଲିଙ୍ଗରାଜ ସାହୁ (ମୋ-୯୨୩୭୦୧୦୯୩୯), ପ୍ରମୋଦ କୁମାର ସାହୁ (ମୋ-୭୦୦୮୭୮୮୬୭୭) ଓ ତରୁଣକାନ୍ତ ମିଶ୍ର (ମୋ- ୯୪୩୭୧୯୨୧୬୧) ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ଏହି କଂଟ୍ରୋଲ ରୁମ ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଜଣାଇଛନ୍ତି।

## ସ୍କୁଟି ଚଳାଇବା ବେଳେ ମୋବାଇଲ ଫୋନରେ କଥା ହେଉଥିବାରୁ ଜୋରିମନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରୁ ସାନ୍ତସାହି ରାସ୍ତାରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦୁର୍ଯ୍ୟୋଧନ ସାହୁ ବଳଗଣ୍ଡି ନିକଟରେ ସ୍କୁଟି ଚଳାଇ ଯାଉଥିବା ସମୟରେ ମୋବାଇଲ ଫୋନରେ କଥା ହେଉଥିବା ସେହି ରାସ୍ତାରେ ଯାଉଥିବା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଦେଖିବାକୁ ପାଇଥିଲେ । ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ସାହୁଙ୍କୁ ଆଇନ ଉଲ୍ଲଙ୍ଘନ ନିମନ୍ତେ ୫ହଜାର ଟଙ୍କା ଜୋରିମାନା କରାଯାଇଥିଲା । କିନ୍ତୁ ଜୋରିମାନା ନଦେବାରୁ ସେ ଚଳାଉଥିବା ସ୍କୁଟିକୁ ଟାଉନ ଥାନାକୁ ପୋଲିସ ନେଇଯାଇଥିଲା । ଏହାପରେ ଶ୍ରୀ ସାହୁ ଥାନାକୁ ଯାଇ ସେଠାରେ କିଛି ଘଂଟା ବସିବା ପରେ ଘରକୁ ଫେରି ଆସିଥିବା ବେଳେ ଜୋରିମାନା ଦେଇନଥିବାରୁ ସ୍କୁଟିଟି ଥାନାରେ ରଖାଯାଇଥିବା ସୂଚନା ମିଳିଛି ।

## ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହେଲା

କେନ୍ଦ୍ରାପଡ଼ା (ପିଏନ୍): ଭୁବନେଶ୍ୱର ସମ ହସପିଟାଲ ଦ୍ୱାରା ପରିଚାଳିତ ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହୋଇଥିବା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହିତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଏକ ଜିଲ୍ଲାସ୍ତରୀୟ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରିବ ବୋଲି ଜିଲ୍ଲାପାଳ କହିଛନ୍ତି । ୫୦ଟି ଅମ୍ଳଜାନ ସିଲିଣ୍ଡର ଏଥିନିମନ୍ତେ ଗଚ୍ଛିତ କରି ରଖାଯାଇଥିବା ସେ କହିଛନ୍ତି। ଜିଲ୍ଲାର ସମସ୍ତ ନାଗରିକମାନଙ୍କୁ କୋଭିଡ ନିୟମ ପାଳନ କରିବାକୁ ଏହି ଅବସରରେ ଜିଲ୍ଲାପାଳ ନିବେଦନ କରିଛନ୍ତି।

## ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ଭସ୍ମୀଭୂତ

କେନ୍ଦ୍ରାପଡ଼ା (ପିଏନ୍): ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ପୋଡି ପାଉଁଶ ହୋଇଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ବସିରଙ୍କ ପୁଅ ସେକ ବଦିରଙ୍କ ୪ବଖରା ଘର ବିଦ୍ୟୁତ ସଟସର୍କିଟରୁ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା । ସେହି ୪ବଖରା ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି ।

## ସୁଧ ଟଙ୍କା ନଦେବାରୁ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): ଧାର ନେଇଥିବା ଅର୍ଥର ସୁଧ ବାବଦ ଟଙ୍କା ଦେଇନଥିବା ଯୋଗୁଁ ଏକ ଅନୁସୂଚିତ ଜାତି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତର କନ୍ତିଆ ଗ୍ରାମର କ୍ଷୀରୋଦ ସେଠୀଙ୍କ ପତ୍ନୀ ଗାୟତ୍ରୀ ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ସେ ସେହି ଗ୍ରାମର ପଙ୍କଜ ଜେନାଙ୍କଠାରୁ ପ୍ରାୟ ୧୨ହଜାର ଟଙ୍କା ସୁଧରେ ଉଦ୍ଧାର ଆଣିଥିଲେ । କିନ୍ତୁ ମୂଳ ଟଙ୍କା ଶୁଝି ଦେଇଥିବା ବେଳେ ସୁଧ ଅର୍ଥରୁ କିଛି ରହିଯାଇଥିଲା। ସେଥିପାଇଁ ସେହି ଗ୍ରାମର ଟୁକୁନା ଓ କୁଜି ହଠାତ ତାଙ୍କ ଘରେ ପହଞ୍ଚି ସେହି ସୁଧ ଟଙ୍କା ନିମନ୍ତେ ଗାୟତ୍ରୀ ଓ ତାଙ୍କ ସ୍ୱାମୀ କ୍ଷୀରୋଦଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗାୟତ୍ରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସଦର ଥାନା ଇନସପେକ୍ଟର ପ୍ରମୋଦ କୁମାର ମଲ୍ଲିକଙ୍କଠାରୁ ସୂଚନା ମିଳିଛି ।

## ଶିଶୁ କଣ୍ଠଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କୁ ଜନ୍ମଦିନର ଶୁଭେଚ୍ଛା

ଯାଜପୁର (ପିଏନ୍): ରାମନବମୀ ଦିନ ଓଡ଼ିଶାର ସୁନାମଧନ୍ୟ ଶିଶୁ କଣ୍ଠ ଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କ ଜନ୍ମଦିନ ଥିବାରୁ ବହୁ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟ ସହ ଥିଏଟର ଗ୍ରୁପ୍‌ର ସଭାପତି ବୃନ୍ଦାବନ ମିଶ୍ର ଓ ସଂସ୍କୃତି ସମ୍ପାଦକ ସଂଗଠନ ପକ୍ଷରୁ ମାଷ୍ଟର ଦେବେଶ୍ୱରଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ମା' ବିରଜା ତାଙ୍କୁ ଦୀର୍ଘାୟୁ କରିବା ସହିତ ଆଗକୁ ଯାଜପୁର ଜିଲ୍ଲା ତଥା ବିରଜା ମାଟିର ସୁନାମ ଅର୍ଜନ କରନ୍ତୁ ବୋଲି ଆଶାପୋଷଣ କରିଛନ୍ତି। ଦେବେଶ୍ୱର ବର୍ତ୍ତମାନ ଡି.ଏ.ଭି. ସ୍କୁଲରେ ଦଶମ ଶ୍ରେଣୀର ଛାତ୍ର। କରୋନା କଟକଣାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଘରେ ଗୀତ ଅଭ୍ୟାସ ଜାରି ରଖିଛନ୍ତି।

## ଲେଖିକା ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କ ପରଲୋକରେ ବିଭିନ୍ନ ବ୍ୟକ୍ତିଙ୍କ ଶୋକ

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁରର ବିଶିଷ୍ଟ ଲେଖିକା ଜ୍ୟୋସ୍ନାରାଣୀ ସ୍ୱାଇଁ (୬୫)ଙ୍କ ଗତ ଶନିବାର ଭୋରରେ ଗେଟବଜାରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। କୋଭିଡ-୧୯ ନିୟମ ଅନୁପାଳନ ପୂର୍ବକ ସୀମିତ ବ୍ୟକ୍ତିଙ୍କ ଉପସ୍ଥିତିରେ ଗେଟ୍ ବଜାର ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ଗତ ଛଅମାସ ତଳେ ତାଙ୍କ ସ୍ୱାମୀ ବରିଷ୍ଠ ସାହିତ୍ୟିକ ଡା. ଚନ୍ଦ୍ରମଣି ସ୍ୱାଇଁଙ୍କ ଦେହାନ୍ତ ହୋଇଥିଲା। ବ୍ରହ୍ମପୁର ସାହିତ୍ୟ ଜଗତରେ ଉଭୟ ଲେଖକ ଦମ୍ପତି ଭାବେ ପରିଚିତ ଥିଲେ। ଜ୍ୟୋସ୍ନାରାଣୀଙ୍କ ବହୁ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ଶିଶୁ ଗଳ୍ପ ସଂକଳନ 'ଗଳ୍ପଗାମଲା', ଭ୍ରମଣ କାହାଣୀ ପୁସ୍ତକ 'ଆସ ଯିବା ପିଲେ ଲଣ୍ଡନ ବୁଲି'ର ଲେଖିକା ଭାବେ ପାଠକ ମହଲରେ ଜଣାଶୁଣା ଥିଲେ। ଏହା ସହିତ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ଉପସଭାପତି, ଗଞ୍ଜାମ କଳା ପରିଷଦର କାର୍ଯ୍ୟକାରୀ ସଦସ୍ୟା, ଚନ୍ଦ୍ରଜ୍ୟୋସ୍ନା ସାହିତ୍ୟ ସଂସଦର ପ୍ରତିଷ୍ଠାତ୍ରୀ ଥିଲେ। ସାରସ୍ୱତ ସାଧନା ନିମନ୍ତେ ବହୁ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ତାଙ୍କର ଅତ୍ୟନ୍ତ ମେଳାପୀ ସ୍ୱଭାବ ଓ ବନ୍ଧୁବତ୍ସଳତା ସମସ୍ତଙ୍କୁ ମୁଗ୍ଧ କରୁଥିଲା। ଶେଷ ଶଯ୍ୟା ନିକଟରେ ଦୁଇ ପୁତ୍ର ମଣ୍ଟୁ ଓ ପିଣ୍ଟୁଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ପି. ସି. ସାହୁ, ବୈଜ୍ଞାନିକ ଡ. ଡ଼ମ୍ବରୁଧର ସାହୁ, ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ, ସମାଜସେବୀ ରାମକୃଷ୍ଣ ପାତ୍ର, ଭଗବତ ଗରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, ଡ଼ା. ଶଙ୍କର୍ଷଣ ପାତ୍ର, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର କର, ଶିକ୍ଷାବିତ୍ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଆଡଭୋକେଟ ଲାଲବାହାଦୁର ପଟ୍ଟନାୟକ, ବି. ସତ୍ୟମ୍ ଆଚାରୀ, ହରିହର ଚୌଧୁରୀ, କବି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ନୀଳକଣ୍ଠ ସାହୁ, ଅଧ୍ୟାପିକା ଜ୍ୟୋସ୍ନାକୁମାରୀ ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଗଜପତି ଜିଲ୍ଲାରେ ନୂଆ ୯ କରୋନା ପଜିଟିଭ୍ ଚିହ୍ନଟ
# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ କୁ ବୃଦ୍ଧି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାରୁ ଆଜି ନୂଆ ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ କୁ ବୃଦ୍ଧି । ୬୨୫ ନମୂନା ସଂଗ୍ରହ ପରେ ର୍ୟାପିଡ୍ ଆଂଟିଜେନ ଓ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା । ଏହି ପରୀକ୍ଷାରୁ ୬ଟି ରିପୋର୍ଟ ପଜିଟିଭ୍ ଆସିଥିଲା । ଅନ୍ୟ ୩ ଜଣ ଜିଲ୍ଲା ବାହାରେ ହସ୍ପିଟାଲରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ / କୋଭିଡ୍ କେୟାର ସେଂଟରରେ ଭର୍ତି କରାଯାଇଛି । ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି ।
ନୂଆ ଚିହ୍ନଟ ଏହି ୯ ଆକ୍ରାନ୍ତଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୩ ଜଣ ମହିଳା ରହିଛନ୍ତି । ଏମାନଙ୍କର ବୟସ ୨୧ ବର୍ଷରୁ ୫୩ ବର୍ଷ ମଧ୍ୟରେ ରହିଛି । ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରାଚଂଳରୁ ୨ ଜଣ, ମୋହନା ବ୍ଲକରୁ ୨ ଜଣ, ରାୟଗଡ଼ ବ୍ଲକରୁ ୨ ଜଣ ରହିଛନ୍ତି। ଏହା ବ୍ୟତୀତ ଜିଲ୍ଲା ବାହାରେ ୨ ଜଣ ଏବଂ ଆନ୍ଧ୍ରପ୍ରଦେଶର ଜଣେ ରହିଛନ୍ତି। ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ସମସ୍ତ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଜିଲ୍ଲା ବାହାରେ ହସ୍ପିଟାଲରେ ଅନ୍ୟ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହା ବ୍ୟତୀତ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ କୋଭିଡ୍ ଯୋଦ୍ଧା ରହିଛନ୍ତି ।
ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୩ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟିତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।
ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପର୍ଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖିଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

# ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।
ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।
ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।
ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।
ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।
ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।
ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।
ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।
ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।
ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।
ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

# ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।
ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।



**ରାଜ୍ୟ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍ ଅନଲକ୍-୧ ଅନୁଯାୟୀ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଆଜିଠାରୁ ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିଛି ଓ ଏହି ଅବସରରେ ଲୋକମାନେ ପରିବା କିଣୁଛନ୍ତି।**

# ପୂର୍ବତଟ ରେଳପଥ ଦେଇ ଚଳାଚଳ କରିବ ଦକ୍ଷିଣ ଭାରତକୁ ଯାତ୍ରା କରୁଥିବା ତିନିଟି ବିଶେଷ ଟ୍ରେନ

ଭୁବନେଶ୍ୱର: ତ୍ରିଭେନ୍ଦ୍ରମ ଗୌହାଟୀ ମଧ୍ୟରେ ବିଶେଷ ଟ୍ରେନ - ପୂର୍ବତଟ ରେଳପଥ ମଧ୍ୟଦେଇ ଦକ୍ଷିଣ ଭାରତକୁ ଯାତ୍ରା କରୁଥିବା ତିନିଟି ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ନିଷ୍ପତି ନିଆଯାଇଅଛି । ଏହି ଟ୍ରେନ୍ ଗୁଡିକ ହେଲା - ୦୨୨୫୩/୦୨୨୫୪ ଯଶୋବନ୍ତପୁର-ଭାଗଲପୁର-ଯଶୋବନ୍ତପୁର ବିଶେଷ ଟ୍ରେନ । ୦୨୨୫୩/୦୨୨୫୪ ଯଶୋବନ୍ତପୁର-ଭାଗଲପୁର-ଯଶୋବନ୍ତପୁର ବିଶେଷ ଟ୍ରେନ ୨୬ ଜୁନ୍ ପର୍ଯ୍ୟନ୍ତ ଯଶୋବନ୍ତପୁରରୁ ପ୍ରତି ଶନିବାର ଦିନ ଏବଂ ଭାଗଲପୁରରୁ ୩୦ ଜୁନ୍, ୨୦୨୧ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ ଛାଡୁଥିବା ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୬୫୭୭/୦୬୫୭୮ ଯଶୋବନ୍ତପୁର-ଗୌହାଟୀ-ଯଶୋବନ୍ତପୁର ବିଶେଷ ଟ୍ରେନ ।୦୬୫୭୭/୦୬୫୭୮ ଯଶୋବନ୍ତପୁର-ଗୌହାଟୀ-ଯଶୋବନ୍ତପୁର ବିଶେଷ ଟ୍ରେନ ୨୫ ଜୁନ୍ ପର୍ଯ୍ୟନ୍ତ ଯଶୋବନ୍ତପୁରରୁ ପ୍ରତି ଶୁକ୍ରବାର ଦିନ ଏବଂ ଗୌହାଟୀରୁ ୨୮ ଜୁନ୍, ୨୦୨୧ ପର୍ଯ୍ୟନ୍ତ ପ୍ରତି ସୋମବାର ଦିନ ଛାଡୁଥିବା ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୬୫୯୭/୦୬୫୯୮ ଯଶୋବନ୍ତପୁର-ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ । ୦୬୫୯୭/୦୬୫୯୮ ଯଶୋବନ୍ତପୁର-ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ ୨୪ ଜୁନ୍ ପର୍ଯ୍ୟନ୍ତ ଯଶୋବନ୍ତପୁରରୁ ପ୍ରତି ଗୁରୁବାର ଦିନ ଏବଂ ହାଓଡ଼ାରୁ ୨୯ ଜୁନ୍, ୨୦୨୧ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଦିନ ଛାଡୁଥିବା ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ ।ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ତ୍ରିଭେନ୍ଦ୍ରମ ଓ ଗୌହାଟୀ ମଧ୍ୟରେ ବିଶେଷ ଟ୍ରେନ- ୦୬୧୮୫/୦୬୧୮୬ ତ୍ରିଭେନ୍ଦ୍ରମ-ଗୌହାଟୀ-ତ୍ରିଭେନ୍ଦ୍ରମ ବିଶେଷ ଟ୍ରେନ ତ୍ରିଭେନ୍ଦ୍ରମରୁ ୧୯ ଜୁନ୍ ରୁ ୧୦ ଜୁଲାଇ, ୨୦୨୧ ମଧ୍ୟରେ ପ୍ରତି ଶନିବାର ଦିନ ସନ୍ଧ୍ୟା ୬ ଘଟିକାରେ ଏବଂ ଗୌହାଟୀରୁ ୨୩ ଜୁନ୍ ରୁ ୧୪ ଜୁଲାଇ ୨୦୨୧ ମଧ୍ୟରେ ପ୍ରତି ବୁଧବାର ଦିନ ସକାଳ ୬ଘ.୪୫ମି.ରେ ଛାଡିବ । ପୂର୍ବତଟ ରେଳପଥ ମଧ୍ୟରେ ଏହି ଟ୍ରେନ ଦୁଭାଡା, ବିଶାଖାପାଟନମ୍, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ ଏବଂ ଭଦ୍ରକ ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ତ୍ରିଭେନ୍ଦ୍ରମ ଓ ଗୌହାଟୀ ମଧ୍ୟରେ ଏହା ଉଭୟ ପାର୍ଶ୍ୱରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ ।

# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୯ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୩୪୭୧ ହେଲା

ଭୁବନେଶ୍ୱର: ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୪୭୧ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ସୁନ୍ଦରଗଡ଼, ପୁରୀ, ଝାରସୁଗୁଡ଼ା ଓ କଟକ ଜିଲ୍ଲାରୁ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଅନ୍ୟପକ୍ଷରେ ଗଞ୍ଜାମ, ଜଗତସିଂହପୁର ଓ କଳାହାଣ୍ଡିରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଅପର ପକ୍ଷରେ ବୌଦ୍ଧ ଓ ସୁବର୍ଣ୍ଣପୁରରୁ ୨ ଜଣ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ବରଗଡ଼, ଢେଙ୍କାନାଳ, ନବରଂଗପୁର, ନୂଆପଡ଼ା ଜିଲ୍ଲାରେ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।
ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଲା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।
ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।
ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

# ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,(ପିଏନ)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୁକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।






# ମାଷ୍ଟର କ୍ୟାଂଟିନ ଛକରୁ ଘୋଡ଼ା ଉଠାଇବା ନିଷ୍ପତିରୁ ସରକାର ଶୀଘ୍ର ଓହରି ଯାଆନ୍ତୁ: କଂଗ୍ରେସ

ଭୁବନେଶ୍ୱର : ଭୁବନେଶ୍ୱର ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା ପାଇଁ ନବୀନ ବାବୁଙ୍କ ସରକାର ଯେତେ ବ୍ୟାକୁଳତା ଦେଖାଉଛନ୍ତି ପ୍ରକୃତରେ ସହରକୁ ସ୍ମାର୍ଟ ସିଟି ନା ସ୍ଲାସ ସିଟି କରାଯାଉଛି। ଏ ସହରକୁ ସର୍ବସୁନ୍ଦର କରିବା ଆଳରେ ଏ ସହରର ଐତିହ ଏ ରାଜ୍ୟର ପରମ୍ପରା, କଳା ସଂସ୍କୃତିକୁ ସବୁଦିନ ପାଇଁ ଲୁଚେଇ ଦେବା ପାଇଁ ଅପଚେଷ୍ଟା କରାଯାଉନି ତ ? ଦୀର୍ଘ ୫ ବର୍ଷରୁ ଅଧିକ ହେଲାଣି ଏ ସହରକୁ ସ୍ମାର୍ଟସିଟି କରିବା ପରିବର୍ତେ ସବୁ ରାସ୍ତାକୁ ଖୋଳିବା ଏବଂ ଗୋଟିଏ କାମକୁ ଭାଙ୍ଗିବା ପୁଣି ଗଢ଼ିବା ଛଡ଼ା ଏ ପାଂଚ ବର୍ଷ ଭିତରେ ନୂଆକାମ କିଛି ହୋଇନାହିଁ। ଏ ପର୍ଯ୍ୟନ୍ତ ସହରରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇପାରିଲା ନାହିଁ। ସହରର ବିଭିନ୍ନ ଅଂଚଳରେ ପିଇବା ପାଣିର ସମସ୍ୟା ଦୂରିଭୂତ ହୋଇପାରିଲା ନାହିଁ ଏବଂ ନାଳ ନର୍ଦ୍ଦମା କୁ ମଧ୍ୟ ପରିଷ୍କାର କରାଯାଇ ପାରିଲା ନାହିଁ। କେବଳ ସହରର ମୁଖ୍ୟ ରାସ୍ତା ଗୁଡ଼ିକୁ ଟେଭଲ ଟାଇଲ ଯୋଡ଼େଇ କରି କୋଟି କୋଟି ଟଙ୍କା ବ୍ୟୟ ବରାଦ କରିବା ସହରର ମୁଖ୍ୟ ରାସ୍ତାଗୁଡ଼ିକୁ ସଂକୁଚିତ କରିବାକୁ ଏ ସରକାର କଣ ସ୍ମାର୍ଟ ସିଟିର ଆଖ୍ୟା ଦେଉଛନ୍ତି କି ? ଆଜି ମାଷ୍ଟରକ୍ୟାଂଟିନ ଗୋଲେଇ ଭିତରେ ଘୋଡ଼ା ସମ୍ମୁଖରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଆନକୂଲ୍ୟରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ରାଜ୍ୟ କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ମନ୍ତ୍ରୀ ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ତାଙ୍କ ବକ୍ତବ୍ୟରେ କହିଲେ ଯେ ଏହି ଘୋଡ଼ା ୧୯୮୯ ମସିହାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ କାଳରେ ଏହି ଘୋଡାଟି ଭୁବନେଶ୍ୱର ସହରର ମୁଖ୍ୟ ଦ୍ୱାରରେ ସ୍ଥାପନ କରାଯାଇଥିଲା। ଏହି ଘୋଡ଼ାଟି କେବଳ ପଥର ନିର୍ମିତ ଆକୃତି ନୁହେଁ ଏହା ଓଡ଼ିଶା ସରକାରଙ୍କର ଶାସନର ଚିହ୍ନ ଏହି ଘୋଡ଼ା ଓଡ଼ିଶାର କଳିଙ୍ଗର ବିରତ୍ୱର ଗାଥାକୁ ବହନ କରେ। ଏହି ସଭାରେ ବରିଷ୍ଠ ଆଇନଜୀବି ଶ୍ରୀ ଶିବାନନ୍ଦ ରାୟ ଓଡ଼ିଶା ସରକାରଙ୍କ ତଥା କିଛି ଅଣଓଡ଼ିଆ ସରକାରୀ କର୍ମଚାରୀଙ୍କ ପ୍ରୟୋଜନରେ ଏ ହୀନ ଉଦ୍ୟମ କରାଯାଉଛି। ସରକାର ଅତି ଶୀଘ୍ର ନିଜର ନିଷ୍ପତିକୁ ବଦଳାନ୍ତୁ ୨୧ ବର୍ଷ ଭିତରେ ଏ ସହରର ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ଦେଇ ପାରୁନଥିବା ସରକାର ସ୍ମାର୍ଟ ସିଟି ପରିକଳ୍ପନା ଏକ ଭାଣ୍ଡାମି। ଏହି ପ୍ରତିବାଦ ସଭାରେ ରାଜ୍ୟ କଂଗ୍ରେସର ମୁଖପାତ୍ର ରଜନୀ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରି କହିଲେ ଯେ ପ୍ରଗତିର ନାରେ ନିଜର କଳା, ସଂସ୍କୃତି ଏବଂ ଐତିହକୁ ନଷ୍ଟ କରିଦେବାକୁ ପ୍ରଗତି କୁହାଯାଏ ନାହିଁ। ଏହି ଘୋଡାଟି ଓଡ଼ିଶାର ବହୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଭୁବନେଶ୍ୱରର ବହୁ ବିଷିଷ୍ଟ ଗୁଣୀଜନଙ୍କର ନିଷ୍ପତିକ୍ରମେ ସ୍ଥାପନ କରାଯାଇଥିଲା। ତନ୍ମଧ୍ୟରୁ ବିଜୁବାବୁ ମଧ୍ୟ ଅନ୍ୟତମ। ଆଜି ସାରା ବିଶ୍ୱରେ ପ୍ରତ୍ୟେକ ରାଷ୍ଟ୍ର ନିଜର ଐତିହ, କଳା, ସଂସ୍କୃତିକୁ ରକ୍ଷା କରୁଥିଲା ବେଳେ ଓଡ଼ିଶା ସରକାର ଏହାକୁ ନଷ୍ଟ କରିବାରେ ଲାଗିପଡ଼ିଛନ୍ତି ଏହା ହେଉଛି ନବୀନ ବାବୁଙ୍କର ସବୁଠାରୁ ବଡ ଟ୍ରାନସ୍‌ଫରମେସନ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ଜେନା, ମନୋରନ ଦାଶ, ପ୍ରକାଶ ଜେନା, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ଜୟନ୍ତ ଭୋଇ, ବଟକୃଷ୍ଣ ରାଉତରାୟ, କହ୍ନେଇ ସେଠୀ, ରଣଜିତ ପଟ୍ଟନାୟକ, ବୃନ୍ଦାବନ ସାହୁ, କୁସୁମ ପ୍ରଧାନ, ମୁନି ଥାପ୍ପା, ସଂକୁନା କହଁର, ଜୟକୃଷ୍ଣ ମଲ୍ଲିଆ, ସାଗର ପଟ୍ଟନାୟକ, ରିତ ପାତ୍ର, ସ୍ୱାଗତ କର, ବୁନା ମହାନ୍ତି, ଶ୍ରୀଧର ବଳିଆର ସିଂ, ଅକ୍ଷୟ କୁମାର ଦାସ, କୁନା ମୁଦୁଲି, ଶତୃଘ୍ନ ବେହେରା, ଅବିନାଷ ନନ୍ଦ, ବିକାଶ ପଶୁପାଳକ, ଅଖିଲେଷ ଯାଦବ, ଅନିଲ ଦାସ, ଲୁଲୁ ଅହମ୍ମଦ, ପ୍ରତ୍ୟୁଷ ରନ ପ୍ରଧାନ, କାଲୁ ସାହୁ, ନୀଳମଣି ମିଶ୍ର, ନୌସର ଅଲ୍ଲୀ, ସୁଧାଂଶୁ ମୋହନ ପଟ୍ଟନାୟକ, ଅଶୋକ ମଙ୍ଗରାଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ତୁଳସୀ କ୍ଷେତ୍ର ରଥଯାତ୍ରା ପାଇଁ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରନ୍ତୁ: ବୈଜୟନ୍ତ ପଣ୍ଡା

କେନ୍ଦ୍ରାପଡ଼ା,୧୮।୬ : ବରିଷ୍ଠ ବିଜେପି ନେତା ତଥା ରଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ତୁଳସୀ କ୍ଷେତ୍ରରେ ସିଦ୍ଧ ଶ୍ରୀବଳଦେବଜୀୟୁଙ୍କ ପ୍ରସିଦ୍ଧ ରଥଯାତ୍ରା କରିବା ପାଇଁ ରାଜ୍ୟ ସରକାର ନିଜ ଆଡ଼ୁ ସମସ୍ତ ପ୍ରକାର ଆନ୍ତରିକତା ସହ ଉଦ୍ୟମ କରନ୍ତୁ ବୋଲି ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଯେ ଶ୍ରୀକ୍ଷେତ୍ର ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସହ ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରାର ଅନେକ ଧାର୍ମିକ ସାମଞ୍ଜସ୍ୟ ରହିବା ସହ ନୀତିକାନ୍ତିରେ ମଧ୍ୟ ଅନେକ ସମାନତା ଓ ସଂଯୋଗ ବହୁ ପ୍ରାଚୀନ । ସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରାର ସ୍ୱତନ୍ତ୍ର ପରିଚୟ ଥିବା ବେଳେ ଶ୍ରୀକ୍ଷେତ୍ର ରତଯାତ୍ରା ଭଳି ଏହା ମଧ୍ୟ ବହୁ ପୁରାତନ ଓ ପ୍ରାଚୀନ ପରମ୍ପରା । ଏହି ରଥଯାତ୍ରା ସହିତ ଅଗଣିତ ଜନସାଧାରଣ ବିଶେଷ କରି କେନ୍ଦ୍ରାପଡାବାସୀଙ୍କ ଧାର୍ମିକ ଭାବନା ଜଡିତଥିବା କାରଣେ ଏହି ବହୁ ପୁରାତନ ପରମ୍ପରା ଓ ଜନସାଧାରଣଙ୍କ ଭାବାବେଗ ସହ ବୃହତ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ସମ୍ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ ନିୟମାବଳୀ ଓ କଟକଣାକୁ ପ୍ରାଧାନ୍ୟ ଦେଇ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା କରାଇବା ପାଇଁ ରାଜ୍ୟ ସରକାର ନିଜର ଆନ୍ତରିକତା ପ୍ରକାଶ କରିବା ସହ ଏ ଦିଗରେ ପ୍ରଚେଷ୍ଟା କରିବା ଉଚିତ ହେବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।



# ଆର୍ନ୍ତଜାତୀୟ ଯୋଗ ଦିବସ ପାଇଁ ପ୍ରସ୍ତୁତି ଆରମ୍ଭ

ଭୁବନେଶ୍ୱର: ସାରା ବିଶ୍ୱ ପାଳିବ ଆର୍ନ୍ତଜାତୀୟ ଯୋଗ ଦିବସ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷର ଥିମ୍ ରହିଛି ବି ଉଇଥ୍ ଯୋଗ, ବି ଆଟ ହୋମ୍। ଅର୍ଥାତ୍ ମହାମାରୀ କରୋନାର ନିୟମ ପାଳନ କରି ସମ୍ପୂର୍ଣ୍ଣ ପରିବାର ସହିତ ଯୋଗ ବନ୍ଧନରେ ବାନ୍ଧି ହୋଇଯିବା। ଏଥିପାଇଁ ଏକାଡ଼େମୀ ତରଫରୁ ନିଃଶୁଳ୍କ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଭିଜ୍ଞ ଯୋଗ ପ୍ରଶିକ୍ଷକମାନଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ ଅନ୍‌ଲାଇନ୍ ମାଧ୍ୟମରେ ଦିଆଯିବ। ୨୧ ତାରିଖ ସକାଳ ୭.୩୦ ମିନିଟ୍‌ରୁ ୮.୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟ ଚାଲୁରହିବ। ଏତଦ୍‌ସହ ଅପରାହ୍ନ ୪ଟାରୁ ଅପରାହ୍ନ ୫.୩୦ ମିନିଟ୍ ପର୍ଯ୍ୟନ୍ତ ଯୋଗ ବିଜ୍ଞାନୀ ମାନଙ୍କୁ ନେଇ ଏକ ୱେବିନାରର ମଧ୍ୟ ଆୟୋଜନ କରାଯାଇଛି। ଆଗ୍ରହୀ ବ୍ୟକ୍ତିବିଶେଷ, ଛାତ୍ର, ଛାତ୍ରୀମାନେ ଏକାଡ଼େମୀର ହ୍ୱାଟସ୍‌ଆପ୍ ନଂ- ୮୧୪୪୩୧୭୩୬୭ ଯୋଗେ ନାମ ପଞ୍ଜୀକରଣ ନିମନ୍ତେ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ଯୋଗକୁ ଲୋକପ୍ରିୟ କରିବା ପାଇଁ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଅହରହ ପ୍ରୟାସ ଜାରି ରଖିଛନ୍ତି। ସମ୍ପ୍ରତି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ମଣିଷ ନାନା ପ୍ରକାର ରୋଗର ଶିକାର ହେବାରେ ଲାଗିଛି। ଏଥିରୁ ମୁକୁଳିବା ପାଇଁ ଯୋଗ ହିଁ ଏକମାତ୍ର ବିକଳ୍ପ। ଏକ ସୁସ୍ଥ ସମାଜ ଗଠନରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ଯୋଗ ଦିବସରେ ବିଶ୍ୱବାସୀଙ୍କୁ ଯୋଡ଼ିବା ପାଇଁ ଏହା ଏକ ନିଆରା ପ୍ରୟାସ ବୋଲି ଏକାଡ଼େମୀର ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଭିଡିଓକନଫରେନ୍ସ ଆଲୋଚନା ପରେ ପଟ୍ଟାମୁଣ୍ଡାଇ ଇଣ୍ଡୋର ଷ୍ଟାଡିୟମ ପାଇଁ ୮କୋଟି ମଞ୍ଜୁର



କେନ୍ଦ୍ରାପଡ଼ା,୧୮।୬ : କେନ୍ଦ୍ରାପଡା ଜିଲ୍ଲାର ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କ୍ରୀଡାର ବିକାଶ ସହ ଉଦୀୟମାନ କ୍ରୀଡାବିତ ସୃଷ୍ଟି କରିବା ପାଇଁ ପଟ୍ଟାମୁଣ୍ଡାଇ ଠାରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜନଗରର ଯୁବ ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଥିଲେ। ବିଧାୟକ ଶ୍ରୀ ସାହୁଙ୍କ ଦାବି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ସଚିବ ଭି.କେ.ପାଣ୍ଡିଆନ ଶୁକ୍ରବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଭିଡିଓ କନଫରେନ୍ସିଂ ଗୃହରେ ସ୍ୱତନ୍ତ୍ର ଭାବେ କୋଭିଡ ଗାଇଡ ଲାଇନ ଅନୁପାଳନ ପୂର୍ବକ ଅନୁଷ୍ଠିତ ଭିଡିଓକନଫରେନ୍ସିଂ ବୈଠକରେ ସ୍ଥାନୀୟ ଶିକ୍ଷାବୀତ, କ୍ରୀଡାବିତ, ସମାଜସେବୀ ଓ ବିଧାୟକ ଶ୍ରୀ ସାହୁଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ପଟ୍ଟାମୁଣ୍ଡାଇରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ ପାଇଁ ୮କୋଟି ଟଙ୍କା ମଞ୍ଜୁର ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଭିଡିଓକନଫରେନ୍ସିଂ ବୈଠକରେ ରାଜନଗର ବିଧାୟକ ଶ୍ରୀ ସାହୁଙ୍କ ସମେତ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ସାମଲ,ପ୍ରାକ୍ତନ ଅଧ୍ୟକ୍ଷ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ପ୍ରଫେସର ଦେବବ୍ରତ ପ୍ରଧାନ, ପ୍ରାଧ୍ୟାପକ ମନୋଜ ପରିଡା, ସାମ୍ବାଦିକ ଅକ୍ଷୟ ସାହୁ, ସମାଜସେବୀ କିଶୋର ସାହୁ, ପ୍ରାକ୍ତନ ପୌରାଧ୍ୟକ୍ଷ ହେମନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ମିଟୁ ମନୋଜ ନାୟକ, ବୁଢା ଲେଙ୍କା, ସୁମନ୍ତ ପାତ୍ର, କ୍ରୀଡାବିତ ଶେଷଦେବ ନାୟକ, ଦିବ୍ୟଜ୍ୟୋତି ପଣ୍ଡା, ବିଭୁତିଭୂଷଣ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମହିଳା କ୍ରୀଡାବିତ ଦିବ୍ୟଜ୍ୟୋତି ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପାଠ କରିଥିଲେ। ପଟ୍ଟାମୁଣ୍ଡାଇରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ ପାଇଁ ୮କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ବିଧାୟକ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଇ ଷ୍ଟିମ୍ ପାୱାର ଏହାର ଅଭିବୃଦ୍ଧି ରଣନୀତି ସହିତ ନିର୍ଗମନ ହ୍ରାସ କରିବା ପାଇଁ ଭାରତର ଲକ୍ଷ୍ୟକୁ ସମର୍ଥନ କରୁଛି

ଭୁବନେଶ୍ୱର : ଜିଇ ପାୱାର ଇଣ୍ଡିଆ ଲିମିଟେଡ୍ (ଜିଇପିଆଇଏଲ୍) ଏହାର ସେବା କାର୍ଯ୍ୟକଳାପକୁ ବିଶେଷକରି ଅଣ ଜିଇ ଯନ୍ତ୍ରପାତି ଉପରେ ଅଭିବୃଦ୍ଧି ରଣନୀତି ବିତରଣ ଜାରି ରଖିଛି । ଏସମ୍ପର୍କରେ ଜିଇ ପାୱାର ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ପ୍ରଶାନ୍ତ ଜୈନ କହିଛନ୍ତଯେ, ନ୍ତଆମେ ଆମର ସମ୍ମାନିତ ଗ୍ରାହକଙ୍କଠାରୁ ଏହି ୩ଟି ଅର୍ଡର ହାସଲ କରି ବାସ୍ତବରେ ଖୁବ୍ ଆନନ୍ଦ ଅନୁଭବ କରୁଛୁ। ଏହା କୋଲ୍ ପାୱାର ପ୍ଲାଂଟ୍‌ଗୁଡିକରୁ ନିର୍ଗମନକୁ ହ୍ରାସ କରିବା ପାଇଁ ପାୱାର ପ୍ଲାଂଟ୍‌ଗୁଡିକର ଅପ୍‌ଗ୍ରେଡେଶନର ଜଟିଳ ସମସ୍ୟାଗୁଡିକର ସମାଧାନ ଦିଗରେ ସାହାଯ୍ୟ କରିବା ପ୍ରତି ଜିଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜିଇ ଷ୍ଟିମ୍ ଟର୍ବାଇନ୍ ଓ ଜେନେରେଟରଗୁଡିକ ପାଇଁ ଆଂଚଳିକ ପାରଦର୍ଶିତା ଓ ସର୍ବୋତମ ସେବାଗୁଡିକ ସହିତ, ଆମେ ଭାରତରେ ୬୫୦ରୁ ଅଧିକ ଓଇଏମ୍ ୟୁନିଟ୍ ଓ ୧୭୦ରୁ ଅଧିକ ଓଇଏମ୍ ଚାଇନିଜ୍ ୟୁନିଟ୍‌ଗୁଡିକ ପାଇଁ ସେବା ପ୍ରଦାନ କରୁଛୁ।ନ୍ତ ଆତ୍ମନିର୍ଭର ଭାରତ ଅଭିଯାନକୁ ସମର୍ଥନ କରି ସମସ୍ତ ୩ଟି ପ୍ରକଳ୍ପ ପାଇଁ ପ୍ରେସର୍ ପାର୍ଟ ଭଳି ପ୍ରମୁଖ କମ୍ପୋନେଂଟ୍‌ଗୁଡିକୁ ଭାରତରେ ପଶ୍ଚିମବଙ୍ଗର ଦୂର୍ଗାପୁରରେ ଥିବା ଜିଇପିଆଇଏଲ୍‌ର ଫ୍ୟାକ୍ଟ୍ରିରେ ନିର୍ମାଣ କରାଯିବ। ଏହି ତିନୋଟି ପ୍ରକଳ୍ପ ଗୁଡ଼ିକ ହେଉଛି: ୧. ଏସଟିଇଏଜି ଏନର୍ଜି ସର୍ଭିସେସ୍ (ଇଣ୍ଡିଆ) ର ଅର୍ଡ଼ର ସମ୍ପୂର୍ଣ୍ଣ ବଦଳାଇବା ପାଇଁ, ଜିଇ ଓଡିଶାରେ ଥିବା ବେଦାନ୍ତର ଝାରସୁଗୁଡା ପାୱାର ପ୍ଲାଂଟ୍‌ରେ ଗ୍ରାହକଙ୍କ ପାଇଁ ୬୦୦ ଏମ୍‌ଡବ୍ଲ୍ୟୁ ଚାଇନିଜ୍ ବଏଲର୍‌ର ଦୁଇଟି ୟୁନିଟ୍ ଲାଗି ଇକୋମାଇଜର୍ ଜୋନ୍ ଟ୍ୟୁବ୍ ବ୍ୟାଙ୍କର ସମ୍ପୂର୍ଣ୍ଣ ରିପ୍ଲେସ୍‌ମେଂଟ୍ କରିବ। ଏହି ଅପ୍‌ଗ୍ରେଡ୍ ହେଉଛି ବଏଲର୍ ସିଷ୍ଟମ୍‌କୁ ଅଧିକ ଦକ୍ଷ ଓ ନିର୍ଭରଯୋଗ୍ୟ କରିବା ପାଇଁ ସମଗ୍ର ନବୀକରଣ କାର୍ଯ୍ୟର ଏକ ଅଂଶ। ଏହି ପ୍ରକଳ୍ପ କାର୍ଯ୍ୟରେ ନୂଆ ବଏଲର୍ ପ୍ରେସର୍ ପାର୍ଟ ଓ ଅନ୍ୟ ସଂଲଗ୍ନ କମ୍ପୋନେଂଟ୍‌ଗୁଡିକର ଡିଜାଇନ୍, ଇଞ୍ଜିନିୟରିଙ୍ଗ୍, ମାନୁଫ୍ୟାକ୍‌ଚରିଙ୍ଗ, ସପ୍ଲାଇଙ୍ଗ୍, ଇରେକ୍ସନ, ଟେଷ୍ଟିଙ୍ଗ୍ ଓ କମିଶନିଙ୍ଗ ସାମିଲ ରହିଛି।ଏସମ୍ପର୍କରେ ଏସଟିଇଏଜି ଏନର୍ଜି ସର୍ଭିସେସ୍ (ଇଣ୍ଡିଆ)ର ଅଧ୍ୟକ୍ଷ ଡଃ ଜ୍ୟାକୋବ୍ ଟି. ଭର୍ଗିସ୍ କହିଛନ୍ତ, ଏସଟିଇଏଜି ୪ ଢ ୬୦୦ ଏମ୍‌ଡବ୍ଲ୍ୟୁ ପାୱାର ପ୍ଲାଂଟ୍‌ରେ ଓଆଣ୍ଡଏମ୍ କଂଟ୍ରାକ୍ଟର ଭାବେ ନିୟୋଜିତ ଅଛୁ ଏବଂ ସେଠାରେ ସ୍ମେଲ୍ଟର ପାଇଁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଶକ୍ତି ସୁନିଶ୍ଚିତ କରିବା ଲାଗି ବଏଲର୍‌ଗୁଡିକର ଏକତ୍ରୀକରଣକୁ ପୁନଃସ୍ଥାପନ କରିବାର ଆବଶ୍ୟକତା ରହିଛି। ଆମେ ଏହି ବୃହତ୍ ନବୀକରଣ କାର୍ଯ୍ୟ ପାଇଁ ଏକ ନିର୍ଭରଯୋଗ୍ୟ ସଲ୍ୟୁସନ୍ସ ପାର୍ଟନର୍ ଆବଶ୍ୟକ କରୁଥିଲୁ। ଆମେ ଏହି ପ୍ରକଳ୍ପ ପାଇଁ ଜିଇ ସହିତ ସହଭାଗିତା କରି ଖୁବ୍ ଆନନ୍ଦିତ।ନ୍ତ ଝାରସୁଗୁଡା, ବେଦାନ୍ତ ଲିମିଟେଡ୍‌ର ସିଇଓ, ସି.ଏନ୍ ସିଂହ ଏହି ଅର୍ଡର ଉପରେ ମତ ଦେଇ କହିଛନ୍ତ, ନ୍ତଆମେ ସର୍ବୋତମ ଟେକ୍ନୋଲୋଜିକୁ ଗ୍ରହଣ କରି ଆମର ବ୍ୟବସାୟଗୁଡିକରେ କାରଖାନା ଓ ଉପକରଣଗୁଡିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିବା ପାଇଁ ସାମଗ୍ରିକ ପରିଚାଳନାଗତ ଉତ୍କର୍ଷତା ଉପରେ ଗୁରୁତ୍ୱ ଦେଉଛୁ। ଜିଇ ନିଜର ଷ୍ଟେଟ୍-ଅଫ୍-ଦି-ଆର୍ଟ ଟେକ୍ନୋଲୋଜି ସହିତ ଆମର ବଏଲର୍‌ଗୁଡିକୁ ଅପ୍‌ଗ୍ରେଡ୍ କରିବା ପାଇଁ ଏକ ଉନ୍ନତ ସହଯୋଗୀ ଅଟେ।ନ୍ତ ୨. ଟାଟା ପାୱାର ଏହାର ଝାଡଖଣ୍ଡରେ ଥିବା ଜୋଜୋବେରା ପ୍ଲାଂଟ୍ ପାଇଁ ନିର୍ଗମନ ନିୟମକୁ ପୂରଣ କରିବା ଲାଗି ଅତ୍ୟାଧୁନିକ ଫାୟାରିଙ୍ଗ୍ ସିଷ୍ଟମ୍ ଉପକରଣ ସହିତ କମ୍ପାନୀର ବିଦ୍ୟମାନ ଭାରତ ନିର୍ମିତ ବଏଲର୍‌ଗୁଡିକ ପାଇଁ ଏକ କମ୍ବୁଶନ ମୋଡିଫିକେଶନ ସିଷ୍ଟମ୍ କାର୍ଯ୍ୟକାରୀ କରିବ। ଏହି ଅପ୍‌ଗ୍ରେଡ୍ ଦ୍ୱାରା ଏନ୍‌ଓଏକ୍ସ ନିର୍ଗମନକୁ ୪୫୦ଏମ୍‌ଜି/ଏନ୍‌ଏମ୍‌୩ରୁ ତଳ ସ୍ତରକୁ ହ୍ରାସ କରିବ, ଯାହାଫଳରେ ଏହା ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଲାଗୁ ହୋଇଥିବା ଭାରତର ନିର୍ଗମନ ନିୟମ ପାଇଁ ଗ୍ରାହକଙ୍କ ସମ୍ମତିରେ ସାହାଯ୍ୟ କରିବ। ଏସମ୍ପର୍କରେ ଟାଟା ପାୱାର୍‌ର କର୍ପୋରେଟ୍ କଂଟ୍ରାକ୍ଟସ୍‌ର ମୁଖ୍ୟ, ମୋନିଷ୍ କୁମାର କହିଛନ୍ତି, ନ୍ତଝାଡଖଣ୍ଡରେ ଥିବା ଆମର ଜୋଜୋବେରା କାରଖାନା ପାଇଁ ଏନ୍‌ଓଏକ୍ସ ନିର୍ଗମନ ନିୟମକୁ ପୂରଣ କରିବା ଲାଗି ଅତ୍ୟାଧୁନିକ ଫାୟାରିଙ୍ଗ ସିଷ୍ଟମ ଉପକରଣ ସହିତ ଆମର ବିଦ୍ୟମାନ ଭାରତ ନିର୍ମିତ ବଏଲର୍‌ଗୁଡିକ ପାଇଁ ନିଜର କମ୍ବୁଶନ ମୋଡିଫିକେଶନ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ଜିଇ ସହିତ ସହଭାଗିତା କରିଥିବାରୁ ଆମେ ଖୁବ୍ ଆନନ୍ଦିତ। ଏହି ଅପ୍‌ଗ୍ରେଡ୍ ଏନ୍‌ଓଏକ୍ସ ନିର୍ଗମନକୁ ୪୫୦ଏମ୍‌ଜି/ଏନ୍‌ଏମ୍‌୩ରୁ ତଳ ସ୍ତରକୁ ହ୍ରାସ କରିବ, ଯାହାଫଳରେ ଏହା ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଲାଗୁ ହୋଇଥିବା ଭାରତର ନିର୍ଗମନ ନିୟମ ପାଇଁ ସହମତ ହେବାରେ ଆମକୁ ସାହାଯ୍ୟ କରିବ।ନ୍ତ୩. ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର କର୍ଣ୍ଣାଟକରେ ଥିବା ବେଲାରି ପ୍ଲାଂଟ୍ ଅତ୍ୟାଧୁନିକ ଜିଇ ମିଲ୍ ଟେକ୍ନୋଲୋଜି ସହିତ ସେମାନଙ୍କର ବିଦ୍ୟମାନ ଭାରତ ନିର୍ମିତ କୋଲ୍ ମିଲ୍‌ଗୁଡିକର କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଏହି ଅପ୍‌ଗ୍ରେଡ୍ ଉନ୍ନତ ନିର୍ଭରଯୋଗ୍ୟତା ଓ ଉପଲବ୍ଧତା ସହିତ ଫର୍ଣ୍ଣେସ୍‌କୁ ଉନ୍ନତ କୋଲ୍ ଇକ୍ୱେନ ରେଟ୍ ସୁନିଶ୍ଚିତ କରିବା ପାଇଁ ମିଲ୍ ଆଉଟ୍‌ପୁଟ୍ ବଢାଇବ। ଅପ୍‌ଗ୍ରେଡ୍ ପରେ ଜେଏସ୍‌ଡବ୍ଲ୍ୟୁ ଷ୍ଟେୟାର ଅପ୍ଟିମାଇଜେଶନର ଲାଭ ପାଇବ, କାରଣ ସମାନ ମିଲ୍‌ଗୁଡିକ ସାଇଟ୍‌ରେ ପୂର୍ବରୁ କାର୍ଯ୍ୟ କରୁଛନ୍ତି।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray